

ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ ନମଃତସ୍ୟୈ ନମୋନମଃ ।

# ଆମର ପ୍ରୟାସ
AAMAR PRAYAS

PRGI NO - ORORI/26/A1298




ଭେନେଜୁଏଲା ଭୂକମ୍ପ; ଅନ୍ତର୍ଜାତୀୟ ଟିମ୍‌ର ଉଦ୍ଧାର ଅଭିଯାନ ଜାରି

ବର୍ଷ-୦୧,ସଂଖ୍ୟା-୯୭, ଶନିବାର, ୨୭ ଜୁନ୍ ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮) VOl-01, Issue-97 Saturday, 27 June 2026, Bhubaneswar, Rs. 5.00 (Page-08)


# ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ନୂଆ ରୋଡ୍‌ମ୍ୟାପ୍

ଭୁବନେଶ୍ୱର : ସିଆଇଆଇ – ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ ଗୋ ଇଷ୍ଟ ଘୋଷଣା କରିଛନ୍ତି ।ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ । ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା ଏକ ବ୍ୟାପକ ସ୍ତରରେ ପହଞ୍ଚିଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ।ଏହି ସ୍ୱତନ୍ତ୍ର ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ । ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ ଗୋ ଇଷ୍ଟ ସେଲ୍ ଗଠନ କରାଯିବ । ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର ଗୋ ସ୍ୱିଫ୍ଟ ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ପଦକ୍ଷେପ ଫଳରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ




ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ, ଯାହା ସ୍ଥାନୀୟ ଅଞ୍ଚଳର ରୂପରେଖ ବଦଳାଇବ ।ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିବା ନେଇ ସୂଚନା ଦେଇଛନ୍ତି । ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଏହି ଜିଲ୍ଲାଗୁଡ଼ିକୁ ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ, ଯାହା ଦ୍ୱାରା ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ସମ୍ଭବ ହୋଇପାରିବ ।ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀ ମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା । ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି । ପ୍ରଚୁର ଖନିଜ ସଂସାଧନ, ବ୍ୟାପକ କୃଷି ସମ୍ଭାବନା, ଦୀର୍ଘ ତଟରେଖା ଏବଂ ଏକ ଯୁବ ତଥା ଆଶାବାଦୀ କାର୍ଯ୍ୟବଳ ଯୋଗୁଁ ଏହି ଅଞ୍ଚଳ ଦ୍ରୁତ ଗତିରେ ଆଗକୁ ବଢ଼ୁଛି । ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା । ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ ।ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ (ପାରାଦୀପ ହବ୍) ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଫୋକସ୍ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶିଳ୍ପମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ଅଭିଭାଷଣରେ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି । ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ ।

## ବଲାଙ୍ଗିର ଜିଲ୍ଲାର ମେଧାବୀ A୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବଲାଙ୍ଗିର : ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ (BBMC&H) ସମ୍ମିଳନୀ କକ୍ଷରେ ଜିଲ୍ଲାର ଇ୧ ଗ୍ରେଡ୍ ପ୍ରାପ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ. ଭି. ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, 'ଶିକ୍ଷାରେ ଉତ୍କର୍ଷତା ହିଁ ଏକ ଉନ୍ନତ ସମାଜର ମୂଳଦୁଆର ।' ଆଜିର ମେଧାବୀ ଛାତ୍ରଛାତ୍ରୀମାନେ ଆସନ୍ତାକାଲିର ଓଡ଼ିଶା ଗଠନର ସାରଥୀ ହେବେ ବୋଲି ସେ ମତ ପ୍ରକାଶ କରିଥିଲେ । ଅନୁଷ୍ଠାନରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ମେଧାବୀ ଛାତ୍ରଛାତ୍ରୀଙ୍କ ସଫଳତା ସମଗ୍ର ବଲାଙ୍ଗିର ଜିଲ୍ଲା ପାଇଁ ଗର୍ବ ଓ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

### ରାମ ମନ୍ଦିର ପାଣ୍ଠି ହଡ଼ପ ମାମଲାରେ ନୈତିକତା ଦୃଷ୍ଟିକୋଣରୁ ପଦ ଛାଡ଼ିଲେ ଚମ୍ପତ ରାୟ

## ମାମଲାରେ ସମସ୍ତ ୮ ଜଣ ଗିରଫ

ଲକ୍ଷ୍ନୌ: ଅଯୋଧ୍ୟାରାମ ମନ୍ଦିର ପାଣ୍ଠି ହେରଫେର ମାମଲାକୁ ନେଇ ବଡ଼ ଧରଣର ବିବାଦ ହେବାପରେ ରାମ ମନ୍ଦିର ଟ୍ରଷ୍ଟର ଜଣେ ଶୀର୍ଷ ଅଧିକାରୀ ଏବଂ ଜଣେ ଟ୍ରଷ୍ଟି ଆଜି ନୈତିକତା ଦୃଷ୍ଟିକୋଣରୁ ଇସ୍ତଫା ଦେଇଛନ୍ତି । ମନ୍ଦିର ପରିଚାଳନା କରୁଥିବା ନିରପେକ୍ଷ ଅନୁଷ୍ଠାନ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଅଯୋଧ୍ୟା ରାମ ମନ୍ଦିରକୁ ଆସୁଥିବା ପାଣ୍ଠି ପରିଚାଳନାରେ ବ୍ୟାପକ ହେରଫେର ହୋଇଥିବା ନେଇ ତଦନ୍ତ କରୁଥିବାଏସ୍‌ଆଇଟି ( ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ରିପୋର୍ଟ ଦାଖଲ କରିବାପରେ ଏହି ମାମଲାରେ ତଦନ୍ତ ଜୋରଦାର ହୋଇଛି । ଏସ୍‌ଆଇଟି ସୁପାରିସ ଆଧାରରେ ଏହି ମାମଲାରେ ୮ ଜଣଙ୍କ ବିରୋଧରେ ଏତଲା ରୁଜୁ ହୋଇଛି ଏବଂ ସମସ୍ତ ୮ ଜଣ ଗିରଫ ହୋଇଛନ୍ତି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ଅବିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ରା, ଲବକୁଶ ମିଶ୍ରା, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବ



ଓରଫ ଟିନୁ । ସମସ୍ତ ଅଭିଯୁକ୍ତଙ୍କୁ ଜେରା କରାଯାଉଛି ।ମିଳିଥିବା ସୂଚନାନୁଯାୟୀ ମନ୍ଦିର ଆକାଉଣ୍ଟରୁ ୭-୭.୫ କୋଟି ଟଙ୍କା ଗାଏବ ହୋଇଛି ବୋଲି ଏସ୍‌ଆଇଟି ରିପୋର୍ଟରେ ଦର୍ଶାଯାଇଛି । ଇସ୍ତଫା ଦେଇଥିବା ଚମ୍ପତ ରାୟଙ୍କ ନାମ ଏହି ମାମଲାରେ ଉଠିନାହିଁ । କିନ୍ତୁ ରାମ ମନ୍ଦିର ଅଭିଯାନଠାରୁ ଆରମ୍ଭ କରି ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ତାଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାମ ମନ୍ଦିର ପାଣ୍ଠି ହେରଫେର ମାମଲାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ଜୁନ୍ ୧୩ ତାରିଖରେ ୩ ଜଣିଆ ସଦସ୍ୟ ବିଶିଷ୍ଟ ଏକ ଏସ୍‌ଆଇଟି ଗଠନ କରିଥିଲେ । ଉତ୍ତରପ୍ରଦେଶ ସରକାରଙ୍କ ନିକଟରେ ଏହି ମାମଲାରେ ଏସ୍‌ଆଇଟି ରିପୋର୍ଟ ଦାଖଲ କରିବାପରେ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି ।

## ଭାରତ-ପାକିସ୍ତାନ ମଧ୍ୟରେ ପୁଣି 'ଟ୍ରାକ୍-୨' ଆଲୋଚନା

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ସରକାରୀ ସ୍ତରର ଆଲୋଚନା ଦୀର୍ଘ ସମୟ ଧରି ବନ୍ଦ ଥିବା ସତ୍ତ୍ୱେ ପରଦା ଆଢୁଆଳରେ ସଂଳାପ ଜାରି ରହିଛି । ଗତ ଏକ ସପ୍ତାହ ମଧ୍ୟରେ ଉଭୟ ଦେଶର ପ୍ରତିନିଧିମାନଙ୍କ ମଧ୍ୟରେ 'ଟ୍ରାକ୍-୨' (ଅନେପଚାରିକ) ଆଲୋଚନାର ଦୁଇଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି । ଏହି ବୈଠକଗୁଡ଼ିକ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ ଓ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ହୋଇଥିବା ଜଣାପଡ଼ିଛି । ସରକାରୀ ଆଲୋଚନା ବନ୍ଦ ଥିବା ସମୟରେ ଏହି ଅନୌପଚାରିକ ସଂଳାପକୁ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଜାରି ରଖିବାର ଏକ ପ୍ରୟାସ ବୋଲି ଦେଖାଯାଉଛି ।ରିପୋର୍ଟ ଅନୁସାରେ, ଏହି 'ଟ୍ରାକ୍-୨' ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଙ୍କଟ ସମୟରେ ଦୁଇ ଦେଶ ମଧ୍ୟରେ ସଂଳାପର ବ୍ୟବସ୍ଥାକୁ ସକ୍ରିୟ ରଖିବା, ସମ୍ଭାବ୍ୟ ସାମରିକ ସଂଘର୍ଷକୁ ଏଡ଼ାଇବା ଓ ତିକ୍ତ ପରିସ୍ଥିତିକୁ ସମ୍ଭାଳିବା । ବୈଠକରେ ଆତଙ୍କବାଦ ଓ ଜଳ ବଣ୍ଟନ ବିବାଦ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ନିଜ ନିଜ ମତ ଓ ତଥ୍ୟ ଉପସ୍ଥାପନ କରିଥିଲେ । ଏହାସହ 'ଟ୍ରାକ୍-୨' ଆଲୋଚନାରୁ ମିଳୁଥିବା ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ ଭବିଷ୍ୟତରେ 'ଟ୍ରାକ୍-୧' ଅର୍ଥାତ୍ ସରକାରୀ ସ୍ତରର ଆଲୋଚନାରେ କିପରି



ପହଞ୍ଚାଯାଇପାରିବ, ସେନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା ।ମ ୨୦୨୫ରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଓ ପାକିସ୍ତାନର ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇପଡ଼ିଛି । ସେହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ । ଏହା ପରେ ଦୁଇ ପରମାଣୁ ଶକ୍ତିଧର ପଡ଼ୋଶୀ ଦେଶ ମଧ୍ୟରେ ଚାରି ଦିନ ଧରି ଗୋଳାବର୍ଷଣ ଓ ଡ୍ରୋନ୍ ଆକ୍ରମଣ ହୋଇଥିଲା । ଯଦିଓ ୧୦ ମେ'ରୁ ଯୁଦ୍ଧବିରତି ଲାଗୁ ହେବା ପରେ ପରିସ୍ଥିତି ଅଧିକ ଖରାପ ହୋଇନାହିଁ, ତଥାପି ସରକାରୀ ସ୍ତରର ଆଲୋଚନା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ।ଏହି 'ଟ୍ରାକ୍-୨' ବୈଠକରେ ବର୍ତ୍ତମାନର ସରକାରୀ ଅଧିକାରୀମାନେ ନୁହେଁ, ବରଂ ଅବସରପ୍ରାପ୍ତ ସାମରିକ ଅଧିକାରୀ, ପୂର୍ବତନ କୂଟନୀତିଜ୍ଞ, ଗଣମାଧ୍ୟମ ପ୍ରତିନିଧି ଓ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରୁଛନ୍ତି । ସରକାରୀ ସଂଳାପ ବନ୍ଦ ଥିବାରୁ ଏଭଳି ନିରପେକ୍ଷ ସ୍ଥାନରେ ଅନୌପଚାରିକ ଆଲୋଚନା ଆୟୋଜନ କରାଯାଉଛି । ମେ ୨୦୨୫ର ସଂଘର୍ଷ ପରେ ଏଭଳି ଅନେକ ପର୍ଯ୍ୟାୟର ବୈଠକ ପଶ୍ଚିମ ଏସିଆର ବିଭିନ୍ନ ରାଜଧାନୀ ଓ ଅନ୍ୟ ନିରପେକ୍ଷ ସ୍ଥାନରେ ହୋଇସାରିଛି । ଏହାପୂର୍ବରୁ କତରର ଦୋହାରେ ମଧ୍ୟ ଏକ 'ଟ୍ରାକ୍-୨' ବୈଠକ ହୋଇଥିଲା । ପ୍ରଥମ ଥର ପାଇଁ ଏପ୍ରିଲ୍ ୨୦୨୬ରେ ଏହି ଗୁପ୍ତ ଆଲୋଚନା ସମ୍ପର୍କରେ ଖବର ସାମ୍ନାକୁ ଆସିଥିଲା ।ଭାରତ ସରକାର ନିଜର ପୂର୍ବ ଆଭିମୁଖ୍ୟରେ ଅଟଳ ରହିଛି । ସୀମାପାର ଆତଙ୍କବାଦ ବନ୍ଦ ନ ହେଲେ ପାକିସ୍ତାନ ସହ କୌଣସି ସରକାରୀ ଆଲୋଚନା ସମ୍ଭବ ନୁହେଁ ବୋଲି ଭାରତ ସ୍ପଷ୍ଟ କରିଆସିଛି । ବର୍ତ୍ତମାନ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ପ୍ରାୟ ବନ୍ଦ ରହିଛି, କୂଟନୈତିକ ମିସନରେ ସୀମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଏବଂ ଲୋକଙ୍କ ପାରସ୍ପରିକ ସମ୍ପର୍କ ମଧ୍ୟ ବହୁତ କମିଯାଇଛି । ତେବେ ଏହି ଅନୌପଚାରିକ ସଂଳାପ ଉଭୟ ପକ୍ଷର ବ୍ୟବହାରିକ ଆଭିମୁଖ୍ୟକୁ ଦର୍ଶାଉଥିବାବେଳେ, ଏଭଳି ବୈଠକ ହୋଇଥିବା ନେଇ ଭାରତ ଓ ପାକିସ୍ତାନର କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ ।

## ସ୍ନାନ ପୂର୍ଣ୍ଣିମା ନିମନ୍ତେ ପୁରୀରେ ଟ୍ରାଫିକ୍ ନିୟନ୍ତ୍ରଣ

ପୁରୀ: ଜ୍ୟେଷ୍ଠ ଶୁଦ୍ଧ ଶୁକ୍ଳ ପୂର୍ଣ୍ଣିମା ଅର୍ଥାତ୍ ସୋମବାର ସ୍ନାନପୂର୍ଣ୍ଣିମା ନିମନ୍ତେ ପୁରୀରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ୍ ବ୍ୟବସ୍ଥା







କରାଯାଇଛି । ପାର୍କିଂ ନିମନ୍ତେ ଫାଷ୍ଟ କମ୍ ଫାଷ୍ଟ ସର୍ଭ, ଅର୍ଥାତ୍ ପ୍ରଥମେ ଆସିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନ ମିଳିବ । ପୁଲିସ ପକ୍ଷରୁ ଜାରି କରାଯାଇଥିବା ସୂଚନାନୁସାରେ, ଦୁଇ ଚକିଆ ଯାନ ନିମନ୍ତେ, ଭୁବନେଶ୍ୱର ପାର୍ଶ୍ୱର କମ୍ବା ବ୍ରହ୍ମଗିରି ପାର୍ଶ୍ୱରୁ କିମ୍ବା କୋର୍ଣାର୍କ ପାର୍ଶ୍ୱରୁ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ମାର୍କେଟ ଛକ ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯାଇଛି । ଏଥିପାଇଁ ମାର୍କେଟ୍ କମ୍ପ୍ଲେକ୍ସ ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏହା ସହ ପୁରୁଣା ଜଗନ୍ନାଥ ବଲ୍ଲଭ ଠାରେ ପାର୍କିଂ ମଧ୍ୟ କରିପାରିବେ । ଫେରିବା ସମୟରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନ ନରେନ୍ଦ୍ରକୋଣ ଓ ଜଟିଆ ବାବାଜୀ ଛକ ଦେଇ ଫେରିବେ, ମ୍ୟୁନସିପାଲଟି ମାର୍କେଟ୍ କମ୍ପ୍ଲେକ୍ସରେ ପାର୍କିଂ କରିଥିବା ଯାନଗୁଡ଼ିକ ମେଡିକାଲ୍ ଛକ ଦେଇ ଫେରିବେ ।

### ବଜ୍ରପାତ ମଧ୍ୟ ଅଟକାଇପାରିଲାନି ବିଏଲ୍‌ଓ ପ୍ରମିଳାଙ୍କୁ

# ଶେଷକଲେ ଡିଜିଟାଇଜେସନ୍

ଭୁବନେଶ୍ୱର: କର୍ତ୍ତବ୍ୟ ପ୍ରତି ଅନନ୍ୟ ନିଷ୍ଠା ଓ ଦାୟିତ୍ୱବୋଧର ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୧୮୭ର ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ପ୍ରମିଳା ଓଝା । ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସମୟରେ ସେ ନିଜର କର୍ତ୍ତବ୍ୟପରାୟଣତା ଓ ସେବା ମନୋଭାବର ପରିଚୟ ଦେଇଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ କ୍ଷେତ୍ର ପରିଦର୍ଶନ (ଫିଲ୍ଡ ଭିଜିଟ୍) ସମୟରେ ହଠାତ ତାଙ୍କ ଉପରେ ବଜ୍ରପାତ ହୋଇଥିଲା । ଏହି ବଜ୍ରପାତରେ ପ୍ରମିଳା ଓଝା ଏବଂ ତାଙ୍କ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ । ଏଥିସହିତ ତାଙ୍କର ମୋବାଇଲ୍ ଫୋନ୍‌ଟି ମଧ୍ୟ ସମ୍ପୂର୍ଣ୍ଣ ଭାବେ




ନଷ୍ଟ ହୋଇଯାଇଥିଲା ।ଏଭଳି ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେବା ପରେ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡ଼ିଥିଲା । ଆଶ୍ଚର୍ଯ୍ୟର କଥା ଏହା ଯେ, ସେ ମେଡିକାଲ୍‌ରୁ ସୁସ୍ଥ ହୋଇ ଫେରିବା ମାତ୍ରେ ନିଜ ଶରୀରର କଷ୍ଟକୁ ଭୁଲି ପୁଣି କାମରେ ଲାଗିପଡ଼ିଥିଲେ । ସେ ନିଜ ଦାୟିତ୍ୱରେ ଥିବା ସମସ୍ତ ପରିଗଣନା ଫର୍ମର ୧୦୦% ଡିଜିଟାଇଜେସନ କାର୍ଯ୍ୟକୁ ସଫଳତାର ସହ ସମୟ ଅବଧି ପୂର୍ବରୁ ଶେଷ କରିଛନ୍ତି ।ତାଙ୍କର ଏହି ଅତୁଳନୀୟ ତ୍ୟାଗ ଓ ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜିକରଣ ଅଧିକାରୀ ଅରୁଣ କୁମାର ନାଏକ ପ୍ରଶାସନ ତରଫରୁ ତାଙ୍କୁ ପ୍ରଶଂସା କରିବା ସହିତ ସହାୟତା ଓ ପ୍ରୋତ୍ସାହନ ସ୍ୱରୂପ ଏକ ନୂଆ ମୋବାଇଲ୍ ଫୋନ୍ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି ।ପ୍ରମିଳା ଓଝାଙ୍କର ଏହି ନିଷ୍ଠା ଆଜିର ସମାଜରେ ଜନସେବାର ପ୍ରକୃତ ମନୋଭାବ ବା ଆଦର୍ଶକୁ ପ୍ରତିଫଳିତ କରୁଛି, ଯାହା ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ।

### ଝାଡ଼ଖଣ୍ଡରରେ ଟ୍ରକ୍ ଓ ଭ୍ୟାନ ଧକ୍କା

## ଘଟଣାସ୍ଥଳରେ ୮ ଜଣ ବ୍ୟାଣ୍ଡ କଳାକାରଙ୍କ ମୃତ୍ୟୁ

ରାଞ୍ଚି: ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାଜରପ୍ପା ଥାନା ଅନ୍ତର୍ଗତ ବାରଲୋଙ୍ଗ ବୁଧବଜାର ଅଞ୍ଚଳରେ କୋଇଲା ବୋଝେଇ ଏକ ଦ୍ରୁତଗାମୀ ଟ୍ରକ୍, ଗୋଟିଏ ବ୍ୟାଣ୍ଡ ପାର୍ଟି ଗାଡ଼ି(ଭ୍ୟାନ୍) କୁ ଆଗପଟୁ ଜୋରରେ ଧକ୍କା ଦେଇବା ଫଳରେ ଭ୍ୟାନଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି ଏବଂ ସେଥିରେ ଥିବା ୮ ଜଣ ବ୍ୟାଣ୍ଡ କଳାକାରଙ୍କ ମୃତ୍ୟୁ ଘଟିଛି । ମୃତକମାନେ ସ୍ଥାନୀୟ ମାରାଙ୍ଗମାର୍ଚ୍ଚା ଏବଂ ବାଲସାଗ୍ରା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି । ତେବେ ପୋଲିସ ଦୁଇଟିଯାକ ଗାଡ଼ିକୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକ୍ ଚାଳକକୁ ଖୋଜୁଛି । ରାଜରପ୍ପା ଥାନା ପ୍ରଭାରୀ କୃଷ୍ଣ କୁମାରଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ



ହିଁ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନା ନେବା ବାଟରେ ଓ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୨ ଜଣ ପ୍ରାଣ ହରାଇଛନ୍ତି । ଜଣେ ଗୁରୁତର ଆହତଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଞ୍ଚିର ରିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଚିକିତ୍ସା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ମର୍ମନ୍ତୁଦ ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ଅସହାୟ ରେବତୀ ମହାନ୍ତଙ୍କୁ ମିଳିନି ଘର କି ଭତ୍ତା



ପାଟଣା : ସାହାରପଡା ବ୍ଲକ ମାଛଗଡ ପଞ୍ଚାୟତ କାଳିଆଦୁମା ଗାଁ ର ବିଧବା ତଥା ଭିନ୍ନକ୍ଷମ ମହିଳା ରେବତୀ ମହାନ୍ତଙ୍କୁ ଏ ପର୍ଯ୍ୟନ୍ତ ଭତ୍ତା କିମ୍ବା ଆବାସ ମିଳିପାରୁନାହିଁ । ଦୁଇବର୍ଷ ପୂର୍ବରୁ ସ୍ୱାମୀ ମୃତ୍ୟୁ ବରଣ କଲେଣି । ସେ ଜଣେ ବିଧବା ମହିଳା, ବୟସ ୭୦ ପାର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ କିମ୍ବା ବିଧବା ଭତ୍ତା ମିଳି ପାରୁ ନାହିଁ । ଏବେ ପକ୍ଷାଘାତ ରୋଗରେ ମଧ୍ୟ ଆକ୍ରାନ୍ତ । ସ୍ୱାମୀ ଥିବା ବେଳୁ ସେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ । ତାହା ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ପଡ଼ିରହିଛି ବୋଲି ଜାଣିବାକୁ ମିଳିଛି । ଜନସେବା କେନ୍ଦ୍ର ରେ ଅନଲାଇନ ରେ ଅନେକ ଥର ଚେକ କଲେଣି ତାହା ଉପଜିଲ୍ଲାପାଳ ଙ୍କ ନିକଟ ରେ ଅଛି ବୋଲି ରିପୋର୍ଟ ରୁ ଜଣାପଡୁଛି । ଏପରିକି ତାଙ୍କୁ ଘର ଖଣ୍ଡେ ମଧ୍ୟ ମିଳି ନାହିଁ । ଦୁଇଟି ପୁଅ ଥିଲେ ମଧ୍ୟ ସାନ ପୁଅ ର ଛେଳି ଗୁହାଳ ବାରଣ୍ଡା ରେ ଦଉଡି ଖଟ ରେ ଅସହାୟ ହୋଇ ସେ ପଡି ରହିଥିବା ଜାଣିବାକୁ ମିଳିଛି। ବର୍ତ୍ତମାନ ସାରା ବ୍ଲକ ରେ ଜନକଲ୍ୟାଣ ଶିବିର ଚାଲିଛି ଉକ୍ତ ଅସହାୟ ରେବତୀ ଙ୍କ ଦୁଃଖ ଏହି ଶିବିର ରେ ସମାଧାନ ହୋଇ ପାରିବକି ବୋଲି ଗ୍ରାମ ର କିଛି ବିଶିଷ୍ଟ ବ୍ୟକ୍ତି ପ୍ରଶ୍ନ ଉଠାଇଛନ୍ତି।

## ଚିନାମାଳିପଶି ଠାରୁ ମଲ୍ଲିପଶି ରାସ୍ତା ଖାଲ ଖମା ରେ ପୁରିଲାଣି, ମରାମତି କରା ନଗଲେ ରାସ୍ତା ରୋକ ଚେତାବନୀ



ପାଟଣା : ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ ଛକ ଠାରୁ ମଲ୍ଲିପଶି ୨୨୦ ନଂ ଜାତୀୟ ରାଜପଥ କୁ ସଂଯୋଗ ହେଉଥିବା ଏହି ସାଢ଼େ ୩ କିଲୋମିଟର ବିଶିଷ୍ଟ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଖାଲ ଖମାରେ ପୂର୍ଣ୍ଣ ହୋଇ ଗଲାଣି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ପାଟଣା ବ୍ଲକ ମୁଖ୍ୟାଳୟ କୁ ଯିବା ଆସିବା କରିଥାନ୍ତି। ଏହି ରାସ୍ତାଟି ବାରମ୍ବାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ମରାମତି କରା ଯାଉଥିଲେ ମଧ୍ୟ ୬ ମାସ ନଯାଉଣୁ ପିଚୁ ଉଠି ରାସ୍ତାର ବହୁ ଯାଗାରେ ବଡ ବଡ ଖାଲ ସୃଷ୍ଟି ହେବା ଫଳରେ ଏହି ରାସ୍ତାରେ ଯାଉଥିବା ସାଇକେଲ,ମୋଟର ସାଇକେଲ ବହୁ ସମୟରେ ଦୁର୍ଘଟଣା ର ଶିକାର ହେଉଛନ୍ତି । ଏମିତିକି ଡାକ୍ତରଖାନାକୁ ଆମ୍ବୁଲାନ୍ସ ରେ ରୋଗୀ ନେଲେ ମଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆଉ ଗୋଟିଏ ପଟେ ଦେଖିବାକୁ ଗଲେ ଏହି ରାସ୍ତା ଟି ଭୀମକୁଣ୍ଡ ଦେଇ ଠାକୁରମୁଣ୍ଡା କୁ ସଂଯୋଗ ହୋଇ ଥିବା ବେଳେ ଅନ୍ୟ ପଟରେ ଘଟଗାଁ ବ୍ଲକ କୁ ସଂଯୋଗ ହୋଇଥାଏ। ଏହି ରାସ୍ତା ଦେଇ ଗଲେ ପାଖ ମଧ୍ୟ ହୋଇଥାଏ। ଏବେ ଏହି ରାସ୍ତାରେ ବହୁ ସ୍କୁଲ କଲେଜ ପିଲାମାନେ ଯିବା ଆସିବା କରିବା ସହ ବହୁ ଯାତ୍ରୀବାହୀ ବସ୍ ମଧ ଯିବା ଆସିବା କରୁଛନ୍ତି। ଏହି ସବୁ ଯାଗାକୁ ଯିବାକୁ ହେଲେ ରାସ୍ତାଟି ମୁଖ୍ୟ ରାସ୍ତା ପାଲଟିଛି । କିନ୍ତୁ ଦୁଃଖର ବିଷୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଖାମଖିଆଲି ଏବଂ ମନୋମୁଖୀ କାର୍ଯ୍ୟ ଯୋଗୁଁ ଏହି ରାସ୍ତା ଉପରେ ନିର୍ଭରଶିଳ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ରାସ୍ତାଟିରେ ସୃଷ୍ଟି ହୋଇଥିବା ବଡ ବଡ ଖାଲ ଖମାକୁ ଯଥାଶୀଘ୍ର ମରାମତି କରାଯିବାକୁ ଦାବି ହୋଇଛି। ଯଥାଶୀଘ୍ର ମରାମତି କରା ନଗଲେ ଚିନାମାଳି ପଞ୍ଚାୟତ ବାସୀ ରାସ୍ତା ରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ପାଟଣା : ପାଟଣା ବ୍ଲକ ଅଞ୍ଚଳ ୪୯ ନଂ ଜାତୀୟ ରାଜପଥ ର ରେଙ୍ଗାଲବେଡା ନିକଟ ରେ ଟ୍ରକ୍ ଧକ୍କା ରେ ଜଣେ ବ୍ୟକ୍ତିଙ୍କ ର ମୃତ୍ୟୁ ଘଟିଛି ।ମୃତକ ଜଣକ ମୟୂରଭଞ୍ଜ ଜିଲ୍ଲା ର ପାହାଡ ଭଙ୍ଗା ଗ୍ରାମ ର ବୋଲି ଜଣାପଡି ଥିବାବେଳେ ତାଙ୍କ ନାମ ଭୋଳାନାଥ ନାଏକ (୪୦)ବୋଲି ସୂଚନା ମିଳିଛି। ସେ ଗ୍ରାମ ରୁ ବାଇକ ଯୋଗେ ଗତରାତି କେନ୍ଦୁଝର ଯାଉଥିବା ସମୟରେ ରେଙ୍ଗାଲବେଡା ନିକଟରେ ତାଙ୍କୁ ଟ୍ରକ୍ ଧକ୍କା ଦେଇଥିଲା । ଦୁର୍ଘଟଣା ରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଘଟଣା ସ୍ଥଳ ରେ ସେ ପ୍ରାଣ ହରାଇଥିଲେ । ଘଟଣା ସ୍ଥଳ ରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ରିସିଭ୍ ଡେଥ ଘୋଷୋଣା କରିଥିଲେ।ଏ ନେଇ ତୁରୁମୁଙ୍ଗା ଥାନା ରେ ୧୫୯/୨୦୨୬ ମୂଳେ ଏକ ଦୁର୍ଘଟଣା ମାମଲା ରୁଜୁ କରି ଥାନା ଏସ ଆଇ କିଶୋର ଚନ୍ଦ୍ର ପାତ୍ର ଆଜି କେନ୍ଦୁଝର ରେ ମୃତକ ର ଶବ ବ୍ୟବଛେଦ କରାଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ବାଇକ୍ କୁ ପୁଲିସ ଜବଦ କରି ଥାନା ପରିସର କୁ ନେଇଛି।

# ଖୋଲିଲା ସ୍କୁଲ୍ ହସିଲା ପ୍ରାଙ୍ଗଣ: ଧୁମଧାମରେ ପାଳିତ ହେଲା 'ପ୍ରବେଶ ଉତ୍ସବ'



ଚିକିଟୀ : ଦୀର୍ଘ ଗ୍ରୀଷ୍ମକାଳୀନ ଛୁଟି ପରେ ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି ବିଦ୍ୟାଳୟ ପରିସର। କୋଳାହଳ, ହସକାନ୍ଦ ଆଉ ନୂଆ ଆଶାକୁ ନେଇ ଆଜିଠାରୁ ସ୍କୁଲ୍ ଘଣ୍ଟି ବାଜିଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଦିନରେ ବିଦ୍ୟାଳୟକୁ ଆସୁଥିବା କୋମଳମତି ଶିଶୁ ନୂତନ ଛାତ୍ର ଛାତ୍ରୀ ଓ ପୁରୁଣା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ' ଅତ୍ୟନ୍ତ ଧୁମଧାମରେ ପାଳିତ ହୋଇଯାଇଛି ।ସକାଳୁ ସକାଳୁ ସ୍କୁଲ ଗେଟ୍ ସମ୍ମୁଖରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ପରିସରକୁ ରଙ୍ଗବେରଙ୍ଗର ବେଲୁନ ଓ ଫୁଲରେ ସଜାଯାଇଥିଲା। ବିଦ୍ୟାଳୟରେ ପାଦ ଥାପୁଥିବା ନୂତନ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ଚନ୍ଦନର ଟିକା ଲଗାଇ ପୁଷ୍ପ ବୃଷ୍ଟି ସହ ସ୍ୱାଗତ କରିଥିଲେ। ଅନେକ ସ୍ଥାନରେ ପାରମ୍ପରିକ ଶଙ୍ଖ ଧ୍ୱନିରେ ପିଲାମାନଙ୍କୁ ବିଦ୍ୟାଳୟ ମଧ୍ୟକୁ ପାଛୋଟି ନିଆଯାଇଥିଲା।'ପ୍ରବେଶ ଉତ୍ସବ' ସାଙ୍ଗକୁ ନୂଆ ବହି, ନୂଆ ପୋଷାକ ପାଇ ପିଲାମାନଙ୍କ ମନରେ ଅପୂର୍ବ ଆନନ୍ଦ ଦେଖିବାକୁ ମିଳିଥିଲା। ବିଶେଷ କରି ପ୍ରଥମ ଥର ପାଇଁ ସ୍କୁଲ ଆସିଥିବା ଶିଶୁମାନଙ୍କ ମନରୁ ଭୟ ଦୂର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଜ 'ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କୁ ବିଦ୍ୟାଳୟ ପ୍ରତି ଆକର୍ଷିତ କରିବା ଏବଂ ଏକ ଭୟମୁକ୍ତ ତଥା ଆନନ୍ଦଦାୟକ ଶିକ୍ଷାଦାନର ପରିବେଶ ସୃଷ୍ଟି କରିବା ହିଁ ଏହି ପ୍ରବେଶ ଉତ୍ସବର ମୂଳ ଉଦ୍ଦେଶ୍ୟ। ମଧ୍ୟାହ୍ନ ଭୋଜନରେ ଆଜି ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ମେନୁର ବ୍ୟବସ୍ଥା ସାଙ୍ଗକୁ ମାଣ୍ଡିଆ ଲଡୁ ପ୍ରଦାନ କରାଯାଇଥିଲା । ପ୍ରଥମ ଦିନର ଏହି ରଙ୍ଗାରଙ୍ଗ ଓ ସ୍ନେହପୂର୍ଣ୍ଣ ପରିବେଶ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଏକ ନୂଆ ଉତ୍ସାହ ସୃଷ୍ଟି କରିଛି, ଯାହା ଆଗାମୀ ଶିକ୍ଷାବର୍ଷକୁ ସଫଳ କରିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ବେଆଇନ ପଥର ବ୍ଲାଷ୍ଟିଂ ମାମଲା: ଟ୍ରାକ୍ଟର ଓ ଡ୍ରିଲିଂ ମେସିନ ସହ ୪ ଗିରଫ




ଚିକିଟୀ : ବିନା କୌଣସି ବୈଧ ଲାଇସେନ୍ସ କିମ୍ବା ସରକାରୀ ଅନୁମତିରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ବ୍ଲାଷ୍ଟିଂ କରୁଥିବା ଅଭିଯୋଗରେ ବ୍ରହ୍ମପୁର ପୋଲିସ ଜିଲ୍ଲା କେ. ନୂଆଗାଁ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ସହିତ ଘଟଣାସ୍ଥଳରୁ ଏକ ଡ୍ରିଲିଂ ମେସିନ ସହ ଏକ ଟ୍ରାକ୍ଟର ଏବଂ ବେ ଆଇନ ସାମଗ୍ରୀ ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ ରବିବାର ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ ସମୟରେ ଚିକିଟୀ ଆଉଟପୋଷ୍ଟର ସବ୍-ଇନ୍ସପେକ୍ଟର ଗୌତମ ସାହୁଙ୍କୁ ଚିକିଟୀ ଗଡ଼ 'ବାଘପାହାଡ଼'ଠାରେ ବେଆଇନ ପଥର ଖନନ ପାଇଁ ବ୍ଲାଷ୍ଟିଂ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାପରେ କେ. ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଉକ୍ତ ଖାଦାନ ଉପରେ ଚଢ଼ାଉ କରିଥିଲେ ।ପୋଲିସ ଟିମ୍ ପାହାଡ଼ ନିକଟରେ ପହଞ୍ଚିବା ସମୟରେ ଏକ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ ଶୁଣିବାକୁ ପାଇବା ସହ ଆଖପାଖ ଅଞ୍ଚଳ କମ୍ପିଉଠିଥିଲା ।ପଥର ବ୍ଲାଷ୍ଟିଂ କରୁଥିବା କିଛି ବ୍ୟକ୍ତି ପୋଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ତିନି ଜଣଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲା। ଘଟଣାସ୍ଥଳରୁ ଗୋଟିଏ କମ୍ପ୍ରେସର ଡ୍ରିଲିଂ ମେସିନ ସହ ଏକ ଟ୍ରାକ୍ଟର (ରେଜିଷ୍ଟ୍ରେସନ ନଂ: ଇଚ ୩୦ ଡ ୩୫୮୮) ସାତୋଟି ଲୁହାର ଡ୍ରିଲିଂ ରଡ ବିସ୍ଫୋରକର ଅବଶିଷ୍ଟାଂଶ ଥିବା ବ୍ଲାଷ୍ଟ ହୋଇଥିବା ପଥରର ନମୁନା ଏବଂ ଗୋଟିଏ ତାର ବଣ୍ଡଲ୍ ସାଙ୍ଗକୁ ପରବର୍ତ୍ତୀ ସମୟରେ କମ୍ପ୍ରେସର ମେସିନର ମାଲିକ ଏମ୍. ମୋହନ ରାଓଙ୍କୁ ମଧ ପୋଲିସ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଚିକିଟୀ ର ରଞ୍ଜନ ବେହେରା (୫୦) ଏବଂ ଗୋଳନ୍ଥରା ଥାନା ଇଲାକାର କେ. ନୃସୁରେଶ ପ୍ରଧାନ (୩୮)ଆକାଶ ବିନ୍ଧାଣୀ (୩୦) ଏମ . ମୋହନ ରାଓ (୫୭) ଏହି ସଂକ୍ରାନ୍ତରେ କେ. ନୂଆଗାଁ ଥାନାରେ କେସ୍ ନଂ ୧୩୭/୨୦୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା (BNS) ର ଧାରା ୨୮/୩୦୩(୨)/୩(୫), ବିସ୍ଫୋରକ ସାମଗ୍ରୀ ଅଧିନିୟମ ୧୯୦୮ ର ଧାରା ୩ ଏବଂ ୪, ବିସ୍ଫୋରକ ଅଧିନିୟମ ୧୮୮୪ ର ଧାରା ୯ B(b) ଏବଂ ଖଣି ଓ ଖଣିଜ (ଚୋରି, ଚୋରା ଚାଲାଣ ଏବଂ ବେଆଇନ ଖନନ ନିରୋଧ) ଅଧିନିୟମ ୧୯୮୯ ର ଧାରା ୫୧ ଅଧୀନରେ ମାମଲା ରୁଜୁ ହୋଇଛି ।ରବିବାର ରାତି ପ୍ରାୟ ୮.୩୦ ମିନିଟ ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର ପାତ୍ରପୁର ସ୍ଥିତ ମାନ୍ୟବର ଜେଏମଏଫସି (JMFC) କୋର୍ଟକୁ ପଠାଯାଇଛି। ଏହି ବେଆଇନ ବ୍ଲାଷ୍ଟିଂ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜନଜୀବନ ଓ ସମ୍ପତ୍ତି ପ୍ରତି ସ୍ପଷ୍ଟ ବିପଦ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ବିସ୍ଫୋରକ ଯୋଗାଉଥିବା ମୁଖ୍ୟ ସପ୍ଲାୟର ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ପୋଲିସ ନିଜର ତଦନ୍ତ ଜାରି ରଖିଛି।

## ପିପିଲିଆ ଦିବ୍ୟାଙ୍ଗ ସେବା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ

ପାଟଣା : ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ଗ୍ରାମରେ ସାଂସଦ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି ସହାୟତାରେ ନିର୍ମାଣ ହେବାକୁ ଥିବା ଦିବ୍ୟାଙ୍ଗ ସେବା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ, ଦିବ୍ୟାଙ୍ଗ କଲ୍ୟାଣ ଓ ସାମାଜିକ ସେବା କ୍ଷେତ୍ରର ବିଶିଷ୍ଟ ସମାଜସେବୀ ତଥା ପରାମର୍ଶଦାତା ସରୋଜ କୁମାର ସାହୁ, ସ୍ଥାନୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଠାରେ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କ ପାଇଁ ଆବଶ୍ୟକ ସେବା, ପରାମର୍ଶ, ପୁନର୍ବାସନ, କୌଶଳ ବିକାଶ ଏବଂ ସଶକ୍ତିକରଣ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି। ଦିବ୍ୟାଙ୍ଗଜନଙ୍କ ସାମାଜିକ ଅନ୍ତର୍ଭୁକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନକୁ ସୁନିଶ୍ଚିତ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଅବସରରେ ସରୋଜ କୁମାର ସାହୁ କହିଥିଲେ ଯେ, ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ କେବଳ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଏକ ସମାବେଶୀ ସମାଜ ଗଠନର ମୂଳ ଆଧାର। ନୂତନ ଦିବ୍ୟାଙ୍ଗ ସେବା କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗ ଭାଇଭଉଣୀମାନେ ବିଭିନ୍ନ ସେବା ଓ ସୁଯୋଗ ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ। କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ ଯେ, ସମାଜର ପ୍ରତ୍ୟେକ ବର୍ଗର ସମାନ ବିକାଶ ଏବଂ ଅନ୍ତର୍ଭୁକ୍ତିକରଣ ହିଁ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠନର ମୂଳ ଆଧାର। ଦିବ୍ୟାଙ୍ଗଜନଙ୍କ ଉନ୍ନତି ଓ କଲ୍ୟାଣ ପ୍ରତି ସରକାରଙ୍କ ଅଙ୍ଗୀକାରକୁ ଏହି ପଦକ୍ଷେପ ଆହୁରି ଦୃଢ଼ କରିବ। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ସାଂସଦ ଶ୍ରୀ ନାୟକଙ୍କ ସହଯୋଗ ଓ ଅବଦାନକୁ ସମସ୍ତେ ପ୍ରଶଂସା କରିଥିଲେ।

# ପଞ୍ଚାୟତ ସ୍ତରୀୟ ନାରୀଶକ୍ତି ସମାବେଶ

ହିଞ୍ଜିଳିକାଟୁ ରାଜ୍ୟ ସରକାରଙ୍କ ଶାସନ କ୍ଷମତାର ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ହିଞ୍ଜିଳିକାଟୁ ବ୍ଲକ୍ ବଡଖଣ୍ଡି ପଞ୍ଚାୟତରେ ସୋମବାର ନାରୀଶକ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଅଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ଝୁନୁ ନାଇକ, ସମିତି ସଭ୍ୟା କେ. ନର୍ମଦା, ବିପିସି ଲୋକନାଥ ମଣ୍ଡଳ,ୱାର୍ଡ ସଭ୍ୟା ସବିତା ଦାସ, ମଙ୍ଗୁଳି ଦାସ, ଏମବିକେ ମମତା ରେଡ୍ଡୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ ସମସ୍ତ ଯୋଜନାର ସଫଳ ରୂପାୟନ ଓ ଜନସାଧାରଣଙ୍କ ନିକଟରେ କିପରି ସୁବିଧାରେ ପହଞ୍ଚିପାରିବ ଏବଂ କିପରି ସହଜରେ କାର୍ଯ୍ୟକାରୀ କରାଯାଇପାରିବ ସେ ସମ୍ପର୍କରେ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ମହିଳାଙ୍କ ପାଇଁ ରାଜ୍ୟ ସରକାରଙ୍କ ୩୩% ସଂରକ୍ଷଣ ବ୍ୟବସ୍ଥା, ସମାଜରେ ନାରୀମାନଙ୍କ ଭୂମିକା ଓ ନାରୀ ଶକ୍ତିର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂପୃକ୍ତ ପଞ୍ଚାୟତର ବହୁ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାସନ୍ କାର୍ଡ, ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ ସହ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ପରିଶେଷରେ ସିଆରପି, ଏମବିକେ , ଅଙ୍ଗନବାଡି,ଆଶା କର୍ମୀ, ଗାଁ ସାଥି, ଯୋଗାଣ ସହାୟିକା ଓ ମହିଳା କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏଡିଇଓ ଆରତୀ ପଟ୍ଟନାୟକ ପରିଚାଳନା କରିଥିଲେ। ଯୋଗାଣ ସହାୟିକା ରଶ୍ମିତା ମହାନ୍ତି, ମହିଳା ସ୍ୱାସ୍ଥ୍ୟକର୍ମୀ କବିତା କୁମାରୀ ସାହୁ, ମମତା ସେଠି, ଗାଁ ସାଥି, ୱାର୍ଡ ସଭ୍ୟ/ସଭ୍ୟା, ସିଆରପି, ଅଙ୍ଗନବାଡି, ଆଶା କର୍ମୀଙ୍କ ସମେତ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ସଦସ୍ୟା ମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବେ ସ୍ଥାନୀୟ ବ୍ଲକର ସମସ୍ତ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ନାରୀଶକ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଅଛି।

## ୧୦ ବର୍ଷର ନାବାଳିକାଙ୍କୁ ଉଦ୍ଧାର କଲା ହିଞ୍ଜିଳି ପୁଲିସ

ହିଞ୍ଜିଳିକାଟୁ : ଛତ୍ରପୁର ଥାନା ଅଞ୍ଚଳର ଜୈନିକା ୧୦ ବର୍ଷର ନାବାଳିକାଙ୍କୁ ହିଞ୍ଜିଳି ପୁଲିସ ସୋମବାର ଅପରାହ୍ନରେ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଏକ ବାଇକ୍ ଗ୍ୟାରେଜ୍ ନିକଟରୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଉଦ୍ଧାର ପରେ ହିଞ୍ଜିଳି ପୁଲିସ ଥାନାକୁ ଆଣି ନାବାଳିକାଙ୍କୁ ପଚରାଉଚରା କରିବା ସହ ଖାଦ୍ୟ ଓ ପାନୀୟ ଯୋଗାଇ ଦେଇଥିଲେ। ନାବାଳିକା ଜଣଙ୍କ ବାପାଙ୍କ ନିକଟକୁ ଯିବା ପାଇଁ ଅମଙ୍ଗ ହେବାରୁ ପୁଲିସ ନାବାଳିକାଙ୍କ ମାମୁଁ ଘର ସହ ଯୋଗାଯୋଗ କରିଥିଲେ। ନାବାଳିକାଙ୍କ ମାମୁଁ ପୁରୁଷୋତ୍ତମପୁର ଥାନା ସୁନାଥର ଗ୍ରାମର ନାରାୟଣ ନାୟକ ହିଞ୍ଜିଳି ଥାନାରେ ପହଞ୍ଚି ସୁସ୍ଥ ଅବସ୍ଥାରେ ନାବାଳିକାଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଥିଲେ। ପୁଲିସର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ପ୍ରକାଶ ଥାଉକି, ଛତ୍ରପୁର ଥାନା ବିପଲିଙ୍ଗ ଗ୍ରାମର ସତ୍ୟ ସୁନ୍ଦର ନାୟକ ସୋମବାର ସକାଳେ ନାବାଳିକା ଝିଅକୁ ସାଙ୍ଗରେ ନେଇ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଅଭିମୁଖେ ଆସିଥିଲେ। ତେବେ କୌଣସି କାରଣରୁ ଝିଅକୁ ଏକା ଛାଡି ଘରକୁ ଫେରିଥିଲେ। ହିଞ୍ଜିଳି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ କୁକୁଡାଖଣ୍ଡି ନିକଟସ୍ଥ ଏକ ବାଇକ୍ ଗ୍ୟାରେଜ୍ ନିକଟରେ ନାବାଳିକା ଜଣଙ୍କ ଏକାକୀ ଥିବା ଦେଖି ସନ୍ଦେହ କରି ନାବାଳିକାଙ୍କୁ ପଚରାଉଚରା କରିଥିଲା। ବାପା ତାଙ୍କୁ ଏକାକୀ ଛାଡ଼ି ଗାଁ କୁ ଫେରିଯାଇଥିଲେ ବୋଲି ନାବାଳିକାଙ୍କ ଠାରୁ ଶୁଣିବା ପରେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳି ଥାନାକୁ ଆଣିଥିଲା।

## ପ୍ରେମ ପାଇଁ ବୁଲିଲା ଖଣ୍ଡା ବାପା-ପୁଅଙ୍କୁ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର, : ପୁଣି ରାଜଧାନୀରେ ବୁଲିଲା ଖଣ୍ଡା । ପ୍ରେମ ବ୍ୟାପାରକୁ ନେଇ ହଣାକଟା । ବାପା ପୁଅଙ୍କୁ ଖଣ୍ଡାରେ ଆକ୍ରମଣ କରି ଲହୁ ଲୁହାଣ କଲେ ଦୁର୍ବୃତ୍ତ । ଭୁବନେଶ୍ୱର ୟୁନିଟ୍-୬ କ୍ୟାପିଟାଲ ହସ୍ପିଟାଲ ପଛପଟେ ଘଟିଛି ଏଭଳି ଘଟଣା ।ଭୁବନେଶ୍ୱର: ପୁଣି ରାଜଧାନୀରେ ବୁଲିଲା ଖଣ୍ଡା । ପ୍ରେମ ବ୍ୟାପାରକୁ ନେଇ ହଣାକଟା । ବାପା ପୁଅଙ୍କୁ ଖଣ୍ଡାରେ ଆକ୍ରମଣ କରି ଲହୁ ଲୁହାଣ କଲେ ଦୁର୍ବୃତ୍ତ । ଭୁବନେଶ୍ୱର ୟୁନିଟ୍-୬ କ୍ୟାପିଟାଲ ହସ୍ପିଟାଲ ପଛପଟେ ଘଟିଛି ଏଭଳି ଘଟଣା । ଗୁରୁତର ହୋଇଛନ୍ତି ଦିଲ୍ଲୀପ ପୃଷ୍ଟି ଏବଂ ତାଙ୍କ ପୁଅ ରାଜେନ୍ଦ୍ର । କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ କରୁଥିବାବେଳେ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚଳାଇଛି । କହି ରଖୁଛୁ କି, ଶନିବାର ରାତିରେ ଘଟିଛି ଏଭଳି ମରଣାନ୍ତକ ଘଟଣା । ଦୋକାନରେ ବସିଥିବା ବାପା-ପୁଅଙ୍କ ସହ କିଛି ଦୁର୍ବୃତ୍ତଙ୍କ ହୋଇଥିଲା ଯୁକ୍ତିତର୍କ । ଆଉ ଏହାପରେ ହଠାତ ଘେରିଯାଇ ବାପା-ପୁଅଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ତେବେ ଏହା ପ୍ରେମ ବ୍ୟାପାରକୁ ନେଇ ହୋଇଥିବା କୁହାଯାଉଛି । ବାପା-ପୁଅ ଲହୁ ଲୁହାଣ ହୋଇଥିବାବେଳେ କ୍ୟାପିଟାଲ ମେଡିକାଲ ଭର୍ତ୍ତି ହୋଇଛନ୍ତି । ସେପଟେ ଆକ୍ରମଣ କରିଥିବା ଯୁବକଙ୍କୁ ଖୋଜୁଛି ପୁଲିସ ।

## ସାହାରପଡା ବ୍ଲକ ସ୍ତରୀୟ କୃଷକ ସମ୍ବାଦ ସଚେତନତା କର୍ମଶାଳା

ପାଟଣା : କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ନିଆଯାଇଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ବିକାଶର ଧାରା ଓଡ଼ିଶା ସାରା ବ୍ଲକ ସ୍ତରୀୟ କୃଷକ ସମ୍ବାଦ ର ବିଷୟ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା କର୍ମଶାଳା ସୋମବାର ସାହାରପଡା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ତନୟା ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହାରପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମହାନ୍ତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ସାଂସଦ ପ୍ରତିନିଧି ସୁଦର୍ଶନ ମହାନ୍ତ, ଉଦ୍ୟାନ ବିଭାଗ ର ଅଧିକାରୀ ସସ୍ମିତା ନାଏକ, ବ୍ଲକ ମତ୍ସ୍ୟ ଅଧିକାରୀ ସୂରଜ କୁମାର ପ୍ରଧାନ, କେନ୍ଦୁଝର ସଦର କୃଷି ଅଧିକାରୀ ତନୁଜା ମହାନ୍ତ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଲୀନା କାର୍ଲା, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ରାଉତ, ଏପିକଲ ତଥା ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ର ଜିଲ୍ଲା ସଂଯୋଜକ ପିୟୁଷ ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରାକୃତିକ କୃଷି,ସମ୍ବନ୍ଧିତ କୃଷି, ପ୍ରଗତିଶୀଳ କୃଷି, ସମୃଦ୍ଧ କୃଷି, ପ୍ରଧାନମନ୍ତ୍ରୀ ଫସଲ ବୀମା, କୃଷକ ସଶକ୍ତିକରଣ ସହ ବିଭିନ୍ନ ସରକାରୀ ଯୋଜନା, ପ୍ରୋତ୍ସାହନ,ଜୈବିକ କୃଷି ସମ୍ପର୍କରେ ସୁବିସ୍ତୃତ ତଥ୍ୟ ରଖିଥିଲେ। କାର୍ଯ୍ୟକ୍ରମ ରେ ବିଭିନ୍ନ କୃଷି ଉତ୍ପାଦକ ସଂସ୍ଥା ,ଚାଷୀ, ଅଗ୍ରଣୀ କୃଷକ ଯୋଗ ଦେଇଥିଲେ ।ସମସ୍ତ କୃଷି ଅଧିଦର୍ଶକ ଓ ସମସ୍ତ କୃଷି କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଡ଼ାକ୍ତରଙ୍କୁ ରକ୍ତାକ୍ତ ଆକ୍ରମଣ କରି ଲୁଟିଲେ ଦୁର୍ବୃତ୍ତ



ହିଞ୍ଜିଳିକାଟୁ : ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଅଧୀନ ସାହାପୁର - ଶିଖରପୁର ରାସ୍ତା ମଧ୍ୟରେ ରବିବାର ରାତ୍ରରେ ଜଣେ ଡ଼ାକ୍ତରଙ୍କୁ ଅଚିହ୍ନା ଦୁର୍ବୃତ୍ତ ମାନେ ରକ୍ତାକ୍ତ ଆକ୍ରମଣ କରି ତାଙ୍କ ଠାରୁ ଟଙ୍କା, ମୋବାଇଲ ଓ ଆବଶ୍ୟକୀୟ କାଗଜପତ୍ର ଲୁଟି ନେଇ ଫେରାର ହୋଇଥିବା ଜଣାପଡ଼ିଛି। ଲୁଟର ଶିକାର ହୋଇଥିବା ଡାକ୍ତର ଜଣକ ହେଲେ ବେଲଗାଁ ଥାନା ଗଣ୍ଡଳା ଗ୍ରାମର ସୁବାସ ଚନ୍ଦ୍ର ପାଢ଼ୀ(୬୫)। ସେ ସାହାପୁର ବଜାର ସାହିରେ ଏକ କ୍ଲିନିକ୍ ଖୋଲି ଦୀର୍ଘ ବର୍ଷ ଧରି ନିକଟସ୍ଥ ଗ୍ରାମର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ଡାକ୍ତର ସୁବାସ ଚନ୍ଦ୍ର ପାଢ଼ୀ ସବୁଦିନ ପରି କ୍ଲିନିକ୍ ବନ୍ଦ କରି ମୋଟର ସାଇକେଲ ଯୋଗେ ନିଜ ଗ୍ରାମ ଗଣ୍ଡଳା ଫେରୁଥିବା ସମୟରେ ସାହାପୁର ଗ୍ରାମ ଠାରୁ ପ୍ରାୟ ୨କିମି ଦୂରରେ ଅବସ୍ଥିତ ଥିବା ପଥର କ୍ରସର ନିକଟରେ ଛକି ରହିଥିବା କିଛି ଅଚିହ୍ନା ଦୁର୍ବୃତ୍ତ ତାଙ୍କୁ ଅଟକାଇ ମୁଣ୍ଡକୁ ପଥରରେ ଅତର୍କିତ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ। ତାଙ୍କ ଠାରୁ ମୋବାଇଲ, ଟଙ୍କା ଓ ବ୍ୟାଗରେ ଥିବା ଆବଶ୍ୟକୀୟ କାଗଜପତ୍ର ଲୁଟି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। କିଛି ସମୟ ପରେ ସେହି ରାସ୍ତା ଦେଇ ଗ୍ରାମକୁ ଫେରୁଥିବା ସାହାପୁର ଗ୍ରାମର କିଛି ଯୁବକ ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ଡାକ୍ତରଙ୍କୁ ସେଠାରୁ ଉଦ୍ଧାର କରି ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ପରେ ଲୋକେ ସ୍ଥାନୀୟ ଥାନାକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରି ଫେରିଥିବା ଜଣାପଡ଼ିଛି। ଆକ୍ରମଣର ଶିକାର ହୋଇଥିବା ଡାକ୍ତର ଜଣକ ଘଟଣା ନେଇ ସୋମବାର ବେଲଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ବେଲଗାଁ ଥାନାରେ କେସ ନଂ - ୯୧/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି। ପ୍ରକାଶ ଥାଉକି, ଗତ କିଛି ମାସ ଧରି ସମ୍ପୃକ୍ତ ଅଞ୍ଚଳରେ କିଛି ଅଜଣା ଅଚିହ୍ନା ତଥା ଅସାମାଜିକ ଯୁବକ ସମୟ ସୁଯୋଗ ଉଣ୍ଡି ଚୋରୀ,ଡକାୟତ ଓ ଲୁଟ୍ ଭଳି ଅପରାଧିକ କାର୍ଯ୍ୟ ଜାରି ରଖିଥିବା ସୂଚନା ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ଦିବସ ପାଳିତ

ଆଠମଲ୍ଲିକ : ଆଠମଲ୍ଲିକ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଯୋଗ ଗୁରୁ ତଥା ଶିକ୍ଷାବିତ ମେଘନାଦ ସାହୁ ଯୋଗଦେଇ ଶରୀର ସୁସ୍ଥ ପାଇଁ ବିଭିନ୍ନ ଯୋଗ ମୁଦ୍ରା ଶିଖାଇବା ସହିତ ସର୍ବଦା ସକାରାତ୍ମକ ଚିନ୍ତାଧାରା କରିବା ସହିତ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଯୋଗ ଶିବିର ରେ ଢେଙ୍କାନାଳ ବିଭାଗ ସଂଘ ଚାଳକ ସୁଧୀର ମିଶ୍ର , ପରିଚାଳନା କମିଟି ସମ୍ପାଦକ ଅଶୋକ ମିଶ୍ର , ପ୍ରଧାନ ଆଚାର୍ଯ୍ୟ ତରୁଣ କୁମର ଦାସ , ଆଚାର୍ଯ୍ୟ ରବି ଥାଟି , ଅରୁଣ ବଘାର , ରାଜେଶ କର୍ମୀ , ବିଶ୍ୱନାଥ ଅଦାବର , ରିଜୁମଣୀ ତ୍ରିପାଠୀ , ବବିତା ପାତ୍ର , ସାସ୍ୱତୀ ସାହଙ୍କ ସମେତ ଅଭିଭାବକ , ଛାତ୍ର ଛାତ୍ରୀ ଓ ସାମ୍ବାଦିକ ଯୋଗ ଦେଇଥିଲେ। ଶେଷରେ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ।

## ପଞ୍ଚାୟତ ସ୍ତରୀୟ ଜନ ଶୁଣାଣିରେ ୧୯ ଅଭିଯୋଗ

ହିଞ୍ଜିଳିକାଟୁ : ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ସିକିରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ସୁରେଶ ବରଡ, ବ୍ଲକ ଉପାଧ୍ୟକ୍ଷ ସୁନିଲ୍ କୁମାର ଗନ୍ତାୟତ, ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, କନିଷ୍ଠ ଯନ୍ତ୍ରୀ ସ୍ୱପ୍ନେଶ୍ୱରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବିଭିନ୍ନ ଯୋଜନା ଅନୁଯାୟୀ ଅଭିଯୋଗ କରିଥିଲେ। ଶିବିରରେ ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୧୯ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ଗ୍ରାମୀଣ ଆବାସ ୮ଟି, ସୁଭଦ୍ରା ୩ଟି, ସୁଭଦ୍ରା ଯୋଜନା, ପଟ୍ଟା , ଭତ୍ତା ଓ ଆଇଏଚ୍ଏଚ୍ଏଲ୍ ବିଭାଗର ୨ଟି ଲେଖାଏଁ ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳାଇ, ସନ୍ତୋଷ କୁମାର ଦାଶ, ଜଳସମ୍ପଦ ବିଭାଗୀୟ ସହକାରୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକ, କ୍ଷୁଦ୍ର ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ହିମାଂଶୁ ଦାଶ,ଗ୍ରାମ ଉନ୍ନୟନ ସହକାରୀ ଯନ୍ତ୍ରୀ ଗିରିଶ ନାୟକ, ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ଭଜରାମ ସାହୁ, ସହକାରୀ ଉଦ୍ୟାନ କୃଷି ସହକାରୀ ଅଧିକାରୀ ମିଥୁନ କୁମାର ସେଠୀ, ବ୍ଲକ ମତ୍ସ୍ୟ ଅଧିକାରୀ ପ୍ରୀୟାଂଶି ସାମଲ, ବ୍ଲକ ପ୍ରକଳ୍ପ ସଂଯୋଜକ ଲୋକନାଥ ମଣ୍ଡଳ, ସିପି ଦଣ୍ଡପାଣି ଦାଶ, ସହକାରୀ କୃଷି ଉଦ୍ୟାନ ଅଧିକାରୀ ଅଶୋକ କୁମାର ପାଇକରାୟଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିକାଶ ନାମରେ ବିନାଶ କରୁଛି ଗଜପତି ବନ ବିଭାଗ

## କିଞ୍ଜିଲିଙ୍ଗ ଜଙ୍ଗଲରେ ବନ ବିଭାଗର କାର୍ଯ୍ୟକଳାପକୁ ନେଇ ଉଠିଲା ପ୍ରଶ୍ନ

ପାରଳାଖେମୁଣ୍ଡି, ଜଙ୍ଗଲକୁ ସୁରକ୍ଷା ଦେବା, ଜୈବ ବିବିଧତାର ସଂରକ୍ଷଣ କରିବା ଏବଂ ପରିବେଶ ସନ୍ତୁଳନ ବଜାୟ ରଖିବା ହେଉଛି ବନ ବିଭାଗର ପ୍ରମୁଖ ଦାୟିତ୍ୱ। କିନ୍ତୁ ଯଦି ଜଙ୍ଗଲ ସୃଷ୍ଟି ନାମରେ ହିଁ ଜଙ୍ଗଲ ଧ୍ୱଂସ ହୁଏ, ତେବେ ତାହାକୁ କଣ କୁହାଯିବ ଗଜପତି ଜିଲ୍ଲାର ମହେନ୍ଦ୍ର ବନାଞ୍ଚଳ ଅନ୍ତର୍ଗତ କିଛିଲିଙ୍ଗ ସଂରକ୍ଷିତ ରକ୍ତ ଚନ୍ଦନ ଜଙ୍ଗଲ ମଧ୍ୟରେ ୫ ଏକର ଜଙ୍ଗଲ ଅଞ୍ଚଳରେ ଗଛ କାଟିବା ସହିତ ତଥ୍ୟ ଲୁଚାଇବା, ମୂଲ୍ୟବାନ ବୃକ୍ଷଗୁଡ଼ିକୁ ପୋଡ଼ି ଦେବା ଘଟଣା ଯାହା ପରିବେଶବିତଙ୍କ ମନକୁ ଆନ୍ଦୋଳିତ କରିଛି। ବୃକ୍ଷରୋପଣ ଓ ନୂଆ ଜଙ୍ଗଲ ସୃଷ୍ଟି ନାମରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକର ଏକର ଅଞ୍ଚଳର ପ୍ରାକୃତିକ ବନଭୂମିକୁ ସଫା କରାଯାଇଛି। ବହୁ ପୁରୁଣା ଗଛ କାଟିବା ସହିତ ନିଆଁ ଲଗାଇ ବନଭୂମିକୁ ପୋଡ଼ି ଦିଆଯାଇଛି। ପରିବେଶପ୍ରେମୀ ମନୋଜ ଦାସଙ୍କ ମତରେ ବୃକ୍ଷରୋପଣ କରିବା ପାଇଁ ଜିଲ୍ଲାରେ ଅନେକ ଅନାବାଦୀ ଓ ଖାଲି ଜମି ଥିବା ସତ୍ତ୍ୱେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପୁରୁଣା ଗଛଗୁଡ଼ିକୁ କାହିଁକି କାଟି ଦିଆଗଲା କେଉଁ କିସମର ଗଛ ଥିଲା, ଏହା କେବଳ ଯୋଜନାର ଲକ୍ଷ୍ୟ ପୂରଣ ପାଇଁ ନା ଏହା ପଛରେ ଅନ୍ୟ କୌଣସି ଉଦ୍ଦେଶ୍ୟ ରହିଛି ଜଙ୍ଗଲ ଭିତରେ ନିଆଁ କିଏ ଲଗାଇଥିଲା ଏହା କୌଣସି ସରକାରୀ ପ୍ରକ୍ରିୟାର ଅଂଶ ଥିଲା କି ଯଦି ଥିଲା, ତେବେ କେଉଁ ଅଧିକାରୀଙ୍କ ଅନୁମତିରେ ଏହା କରାଗଲା ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଗକୁ ଏଭଳି ଘଟଣାର ପୁନରାବର୍ତ୍ତୀ ନହୁଏ ସେଥିପାଇଁ ବିଭାଗ ସଚେତନ ରହିବା ଆବଶ୍ୟକ ବୋଲି କହିଛନ୍ତି ସମାଜସେବୀ। ସମାଜସେବୀ ସଞ୍ଜୟ ରାଉତଙ୍କ କହିବା ଅନୁଯାୟୀ, ସାଧାରଣ ଲୋକଙ୍କ ଦ୍ୱାରା ଯଦି ଗଛ କଟା ହୁଏ ତାହା ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଯଦି ସୁରକ୍ଷା ଦ୍ୱାୟିତ୍ୱରେ ଥିବା କର୍ମଚାରୀ ଏଭଳି ଅପରାଧ କରନ୍ତି ତାଙ୍କ ବିରୋଧରେ ମଧ୍ୟ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଏବଂ ଏଭଳି କାର୍ଯ୍ୟ କଳାପ ବିଭାଗୀୟ ଅଧିକାରୀଙ୍କ ଜାଣତରେ କରାଯାଉଛି ତେଣୁ ଅନ୍ୟ ବିଭାଗ ଦ୍ୱାରା ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହା ଜଙ୍ଗଲ ସୃଷ୍ଟି ନୁହେଁ ବରଂ ଏକ ପ୍ରାକୃତିକ ଜଙ୍ଗଲ ଉପରେ ଯୋଜନା ବଦ୍ଧ



କୁଠାରାଘାତ। ପରିବେଶବିତ୍‌ମାନଙ୍କ ମତରେ, ଗୋଟିଏ ପ୍ରାକୃତିକ ଜଙ୍ଗଲ ଗଢ଼ି ଉଠିବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିଥାଏ। ଏହା କେବଳ ଗଛର ସମୂହ ନୁହେଁ, ବରଂ ହଜାର ହଜାର ପ୍ରଜାତିର ଉଦ୍ଭିଦ, ପକ୍ଷୀ, ପଶୁ, କୀଟପତଙ୍ଗ ଓ ଅଣୁଜୀବଙ୍କ ଏକ ସମନ୍ୱିତ ପରିସ୍ଥିତି ତନ୍ତ୍ର। ଏପରି ଜଙ୍ଗଲକୁ କାଟି ଏବଂ ପୋଡ଼ି ଦେଇ କିଛି ଚାରା ଲଗାଇବା କେବେବି ପ୍ରାକୃତିକ ଜଙ୍ଗଲର ବିକଳ୍ପ ହୋଇପାରିବ ନାହିଁ। ପ୍ରାକୃତିକ ଜଙ୍ଗଲ ମାଟିର ଉର୍ବରତା, ଜଳଧାରଣ କ୍ଷମତା ଓ ଜୈବ ବିବିଧତାକୁ ସୁରକ୍ଷା ଦେଇଥାଏ। ଏହାକୁ ଧ୍ୱଂସ କଲେ ତାହାର ପ୍ରଭାବ ବର୍ଷ ବର୍ଷ ଧରି ଅନୁଭୂତ ହୁଏ। ଅନ୍ୟ ପକ୍ଷରେ ଘଟଣାର ସବୁଠାରୁ ବଡ଼ ରହସ୍ୟ ହେଉଛି, ଯଦି ନୁହେଁ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି ସଂରକ୍ଷିତ ଜଙ୍ଗଲରେ ସାଧାରଣ ଲୋକଙ୍କ ପ୍ରବେଶ ମଧ୍ୟ ନିୟନ୍ତ୍ରିତ ଥିବା ବେଳେ ଏତେ ବଡ଼ ଧରଣର କାର୍ଯ୍ୟ କିପରି ହେଲା, ତାହା ନେଇ ମଧ୍ୟ ସନ୍ଦେହ ବଢୁଛି। ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ପରିବେଶପ୍ରେମୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ତେବେ ବନାଞ୍ଚଳ ଅଧିକାରୀଙ୍କ କହିବା ହେଲା କୌଣସି ମୁଲ୍ୟବାନ ଗଛ କଟା ଯାଇନାହିଁ, ବୃକ୍ଷ ରୋପଣ ପାଇଁ ସେହି ଅଞ୍ଚଳ ସଫା କରାଯାଇଥିଲା ୨୫ ହେକ୍ଟର ଜମିରେ ଚାରା ରୋପଣ ପାଇଁ ଯୋଜନା ଥିଲା ୫ ଏକର ସଫା କରଯାଇଥିଲା। ନିଆଁ କେମିତି ଲାଗିଲା ଆଉ କିଏ ଲଗାଇଲା ତାହାର ତଦନ୍ତ କରାଯାଉଛି। ସେ ଯିଏ ହୁଅନ୍ତୁ ନା କାହିଁକି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ବନ ସଂରକ୍ଷକ ଅରୁଣ କୁମାର ସାହୁ କହିଛନ୍ତି। ତେବେ ଗଛ କାଟି ତଳେ ପଡିଥିବା ସମୟରେ ଜଣେ ବ୍ୟକ୍ତି ନିଆଁ ଲଗାଉ ଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହାର ତଦନ୍ତ ବନ ବିଭାଗ କରିବା ଆବଶ୍ୟକ ରହିଛି। କାରଣ ସେ ବ୍ୟକ୍ତି ଜଣକ ନିଶ୍ଚୟ କହି ପାରିବେ ତାଙ୍କୁ ନିଆଁ ଲଗାଇବା ପାଇଁ କିଏ ନିର୍ଦ୍ଦେଶ

## ହିଞ୍ଜିଳିକାଟୁରେ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ

### ହିତାଧିକାରୀଙ୍କୁ ପଟ୍ଟା ଓ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ



ହିଞ୍ଜିଳିକାଟୁ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ପୂର୍ତ୍ତିକୁ ସ୍ମରଣ କରିବା ପାଇଁ ରାଜ୍ୟବ୍ୟାପୀ ସରକାରୀ ଯୋଗାଯୋଗ ଏବଂ ନାଗରିକ ସମ୍ପର୍କ 'ବିକାଶର ଧାରା, ଓଡ଼ିଶା ସାରା' ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା, ସରାକରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସଫଳତା, ଜନ କଲ୍ୟାଣକାରୀ ପଦକ୍ଷେପ ଓ ବିକାଶ ମୂଳକ କାର୍ଯ୍ୟକଳାପକୁ ପ୍ରଦର୍ଶନ କରି ରାଜ୍ୟବ୍ୟାପୀ ନାଗରିକ ସମ୍ପର୍କକୁ ସୁଦୃଢ଼ କରିବା। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପକ୍ଷରୁ ବୁଧବାର ଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏକ ବ୍ଲକ ସ୍ତରୀୟ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମର ୫ମ ଦିବସ ସୋମବାର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁନିଲ କୁମାର ଗନ୍ତାୟତ, ତହସିଲଦାର ତପନ କୁମାର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପ୍ରମୁଖ ମଞ୍ଚସିନ ଥିଲେ। କାର୍ଯ୍ୟକ୍ରମର ୫ମ ଦିବସ ସୋମବାର ଆୟୋଜିତ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ୬୯ଜଣ ହିତାଧିକାରୀଙ୍କୁ ଗୃହ ଓ ଜମି ପଟ୍ଟା ଓ ୫୦ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଛି ଜନ ପ୍ରତିନିଧି,ବିପିସି ଲୋକନାଥ ମଣ୍ଡଳ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ, ଏମବିକେ ଓ ସିଆରପି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳେଇ, ସିପି ଦଣ୍ଡପାଣି ଦାଶ, ଏପିଇଓ ଅନିଲ ପାଣି, କନିଷ୍ଠ ଯନ୍ତ୍ରୀ ଡି. ଅଶୋକ, ସ୍ୱପ୍ନେଶ୍ୱରୀ ବେହେରା ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

## ବିକାଶ ଧାରା ରାଜ୍ୟ ସାରା

### ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ସମ୍ମିଳନୀ



ଆଠମଲ୍ଲିକ : ଏନ ଏ ସି ତରଫରୁ କଲେଜ ରୋଡ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଧାରା ରାଜ୍ୟ ସାରା କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା,ଏନ ଏ ସି ଅଧକ୍ଷା ଆଶା କୁମାରୀ ସାହୁ,କାଉନସିଲର ନୂତନ ବେହେରା, ଇବ୍ରାହିମ ଖାଁ, ସିଲି ମୁଣ୍ଡା, ପ୍ରୀତି ନାଏକ, ମଞ୍ଜରୀ ଦନ୍ତା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା ଉପରେ ଆଲୋକ ପାତ କରିଥିଲେ। ଏହି ଅବସରରେ ନୂତନ ହିତାଧିକାରୀ ଭତ୍ତା, ପରିବାର ମଙ୍ଗଳ ଯୋଜନା, ଓ ନୂତନ ରାସନ କାର୍ଡ ବଣ୍ଟନ କରା ଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ରେ ସହକାରୀ ଯନ୍ତ୍ରୀ ସୋମି ଲତା ପ୍ରଧାନ, ସିଇଓ ସଙ୍ଗୀତା ମହାପାତ୍ର, ଡ଼ି ଏମ ଏମ ସୀମା ପ୍ରଧାନ, ଅବିନାଶ ମିଶ୍ର, ଉମାକାନ୍ତ ଦାଶ, ରମାକାନ୍ତ ବିଶ୍ୱାଳ, ବିଶ୍ୱ ରଞ୍ଜନ ଭୁକ୍ତା, ନିର୍ମଳ ବେହେରାଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଉମାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ରମ୍ଭା ଠାରେ ବିଶ୍ୱ ଯୋଗ ଦିବସ ପାଳିତ

ରମ୍ଭା -ଆମର ଅମୁଲ୍ୟ ଶରୀର ପାଇଁ ଯୋଗ ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଅଟେ। ଏଣୁ ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ,ରମ୍ଭା ପରିସରରେ ସେବାବ୍ରତୀ , ପରିଚାଳନା ସମିତିର ସଦସ୍ୟ ବନ୍ଧୁ ,ଅଭିଭାବକ ଓ ଶୁଭେଚ୍ଛୁ ମାନଙ୍କ ଉପସ୍ଥିତିରେ ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ଥାନୀୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଅମୂଲ୍ୟ କୁମାର ସେନାପତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଶତାଧିକ ବ୍ୟକ୍ତି ଯୋଗ, ଆସନ ଓ ପ୍ରାଣାୟାମ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

## ବାଲେଶ୍ୱରରେ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ସଫଳତାର ସହ ଅନୁଷ୍ଠିତ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇ.ଟି.ଆଇ ଛକ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ, ନିୟମିତ ଯୋଗକରନ୍ତୁ ସୁସ୍ଥ ରୁହନ୍ତୁ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ମାନ୍ୟବର ସଦର ବିଧାୟକ ମାନସ କୁମାର ଦତ୍ତ, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଅତ୍ୟନ୍ତ ସଫଳତାର ସହ ସଂଯୋଜନା ଓ ପରିଚାଳନା କରିଥିଲେ। ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହାପରେ ପ୍ରାରମ୍ଭିକ ଅଭିଭାଷଣ ସହ ମାନ୍ୟବର ଅତିଥିମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଏବଂ ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷା କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଯୋଗ ମହୋତ୍ସବ ସେବା ସମିତିର ବରିଷ୍ଠ ଯୋଗ ଗୁରୁ ମାନଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ସହ ଏହି ମହାନ କାର୍ଯ୍ୟକ୍ରମର ସାଙ୍ଗଠନିକ ସମାପ୍ତି ଘଟିଥିଲା। ଏହି ଅବସରରେ ଷ୍ଟାଡିୟମ ପରିସରରେ ଶତାଧିକ ଯୋଗପ୍ରେମୀ, ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ଏକାଠି ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ଏହି ପରିପ୍ରେକ୍ଷିରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ମଧ୍ୟ ଏହି ଯୋଗ ଦିବସ ପାଳନ କରାଯାଇଥିଲା।



## ୨୨ ନମ୍ବର ଜୋନ ସ୍ତରୀୟ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ




ବାଲେଶ୍ୱର : ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବାଲେଶ୍ୱର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କ ଆହ୍ୱାନ କ୍ରମେ ବାଲିଆପାଳ ବ୍ଲକରେ ଆୟୋଜିତ ଶିବିରରୁ ଜୁନ ମାସରେ ମୋଟ ୨୭୦ୟୁନିଟ ରକ୍ତ ସଂଗୃହିତ ହୋଇଛି। ଶେଷ କ୍ୟାମ୍ପ ୨୨ ନମ୍ବର ଜୋନ ସ୍ତରୀୟ ବିଶାଳ ରକ୍ତ ଦାନ ଶିବିର କୁଣ୍ଡୁଳି ପଞ୍ଚାୟତ ଅଧିନସ୍ଥ ନିମପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଫିତା କାଟି ଶିବିରକୁ ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ କ୍ଷରକ୍ତଦାନ ମହତ ଦାନ କ୍ଷ ଯୁବ ଗୋଷ୍ଠୀ ରକ୍ତ ଦାନ ପାଇଁ ଆଗେଇ ଆସିବାକୁ ଏହି ଅବସରରେ ବିଧାୟିକା ଶ୍ରୀମତୀ ଜେନା ଆହ୍ୱାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା,ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ,ବରିଷ୍ଠ ନେତା ଅଜୟ କୁମାର ସାମଲ,କୁଣ୍ଡୁଳି ସରପଞ୍ଚ ଜୟନ୍ତ ଦାସ, ସମିତି ସଦସ୍ୟା ନମିତା ମଲ୍ଲିକ,ସୀମନ ଦାସ ମହାପାତ୍ର,ଦୁର୍ଜୟ ମହାନ୍ତି,ଦେବେନ୍ଦ୍ର ମଣ୍ଡଳ, କୈଳାସ ମଲ୍ଲିକ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ କ୍ଷ୨୨ନଂ ଜୋନ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ରକ୍ତ ଦାତାମାନେ ମେଗା ରକ୍ତଦାନ ଶିବିରରେ ସ୍ୱଇଚ୍ଛାରେ ଯୋଗଦେଇ ନିଜର ଅମୂଲ୍ୟ ରକ୍ତ ଦାନ କରିଥିଲେ। ଏହି ଶିବିରରୁ ମୋଟ ୮୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା କ୍ଷଯୁବ ନେତା ସୁଶାନ୍ତ ବେହେରା, ପ୍ରମୋଦ ମଣ୍ଡଳ,ତାପସ ବିଶ୍ୱାଳ,ସୀମନ ସାମଲ, ପପୁ ରାଉଳ, ଦୀପକ ବିଶ୍ୱାଳ,ଜୟକୃଷ୍ଣ ନାୟକ,ମୁକେଶ ବେଜ, ଭୀଷ୍ମ ମଲ୍ଲିକ, ପ୍ରତି ପ୍ରକାଶ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପଥକର ଫାଟକ ଟିକସ ଏଡ଼ାଇବାକୁ ୨୨୦ ନଂ ଜାତୀୟ ରାଜପଥରେ ଚାଲିଛି ଶହ ଶହ ଭାରିଯାନ, ପରିବହନ ବିଭାଗର ନଜର ପଡୁ

ପାଟଣା : ଟୋଲ୍ ଗେଟ୍ ଫି ବା ପଥକର ଫାଟକ ଟିକସ ବଞ୍ଚାଇବା ଉଦ୍ଦେଶ୍ୟରେ ୨୨୦ ନମ୍ବର ଜାତୀୟ ରାଜପଥରେ ଶହ ଶହ ଭାରିଯାନ ବେଆଇନ ଭାବେ ଚଳାଚଳ କରୁଥିବା ଅଭିଯୋଗ ମଧ୍ୟରେ କେନ୍ଦୁଝର ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ଢେଙ୍କିକୋଟ-ପାଟଣା ରାସ୍ତାରେ ବିଶେଷ ଯାନବାହନ ଯାଞ୍ଚ ଅଭିଯାନ ଚାଲିଥିଲା। ଯାଞ୍ଚ ସମୟରେ ବେଆଇନ ଭାବେ ଚଳାଚଳ କରୁଥିବା କିଛି ଟ୍ରକ୍ ଚେସିସ୍ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ଉପରେ ଜୋରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ବର୍ଷ ବର୍ଷ ଧରି ଢେଙ୍କିକୋଟ–ପାଟଣା–କରଞ୍ଜିଆ ରାସ୍ତା ଦେଇ ବହୁ ସଂଖ୍ୟକ ଭାରିଯାନ ଚଳାଚଳ କରୁଛି। ଏହା ଫଳରେ ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଥିବା ସହ ଅନେକ ମୂଲ୍ୟବାନ ଜୀବନ ମଧ୍ୟ ଚାଲିଯାଇଛି। ବିଶେଷ କରି ଡୁବୁରି ଅଞ୍ଚଳରୁ ପ୍ରତିଦିନ ବଡ଼ ବଡ଼ ଟ୍ରଲର ଏହି ରାସ୍ତା ଦେଇ ବଡ଼ ବଡ଼ ଲୁହା କୋଏଲ, ଲୁହା ଦଣ୍ଡ ନେଇ ଯାତାୟାତ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ପରିବହନ ୨୨୦ ନଂ ଜାତୀୟ ରାଜପଥରେ ୮୦ରୁ ୧ ସହ ଟନ୍ ବିଶିଷ୍ଟ ଭାରିଯାନର ଚଳାଚଳ ଏହା ପୁଣି ଢେଙ୍କିକୋଟ ବଜାର ଅଞ୍ଚଳ ସର୍ଭିସ ରୋଡ ଦେଇ ହୋଇ ଥିବାରୁ ଏହା ନିୟମବିରୋଧୀ ଥିବା ସ୍ପଷ୍ଟ ହୋଇଥିବା ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି। ଏପରି ବେଆଇନ ଯାତାୟାତ ଉପରେ କଡ଼ା ନଜରଦାରି ସହ ନିୟମିତ ଯାଞ୍ଚ ଏବଂ ଭାରିଯାନ ଚଳାଚଳ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଶୁକ୍ରବାରର ଯାଞ୍ଚ ଅଭିଯାନରେ କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗର ଜୁନିୟର ଏମ୍‌ଭିଆଇ ରାଜେଶ କୁମାର ସେଠୀ ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ସୂଚନା ମିଳିଛି।

## ବେଲଗୁଣ୍ଠାରେ ପିତୃ ଦିବସ ପାଳିତ

ବେଲଗୁଣ୍ଠା : ରବିବାର ସନ୍ଧ୍ୟାରେ ବେଲଗୁଣ୍ଠାରେ ପବିତ୍ର ପିତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେଲଗୁଣ୍ଠକ୍ଷ ବଡ ଦାଣ୍ଡରେ ଜୟ ଜଗନ୍ନାଥ ଭଜନ ମଣ୍ଡଳୀ ଆନୁକୁଲ୍ୟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଓ କଳାକାର ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ଡାକୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ୟାମ ସୁନ୍ଦର ପଣ୍ଡା ଯୋଗ ଦେଇଥିବା ବେଳେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ରାମକୃଷ୍ଣ ପତି,ବିଶିଷ୍ଟ ସାହିତ୍ୟିକ ମୋତିଲାଲ୍ ପତି,ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ,ରବୀନ୍ଦ୍ର ନାଥ ରଥ,ପବିତ୍ର କୁମାର୍ ସାହୁ,ନାଗେଶ୍ୱର ପାତ୍ର,ବସନ୍ତ କୁମାର ସାହାଣୀ,ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ପିତୃ ମଣ୍ଡଳୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଦୁଇ ଜଣ ଗୁରୁଙ୍କ ସମେତ ପିତୃ ମଣ୍ଡଳୀଙ୍କ ପାଦ ଛୁଇଁ ସମସ୍ତେ ଆଶୀର୍ବାଦ ଗ୍ରହଣ କରିଥିଲେ।

## ମେଧାବୀ ଶିକ୍ଷାବିତଙ୍କ ଅକାଳ ବିୟୋଗ ଚକ୍ଷୁ ଦାନ କରି ସାଜିଲେ ଉଦାହରଣ



ସିନାପାଲି : ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳ ର ଜଣାଶୁଣା ମେଧାବୀ ଶିକ୍ଷାବିତ ଜଗନ୍ନାଥ ନାୟକ ଙ୍କ ୫୨ ବର୍ଷ ବୟସ ରେ ରବିବାର ଅକାଳ ବିୟୋଗ ଘଟିଛି। ଛାତି ରେ ଯନ୍ତ୍ରଣା ଅନୁଭବ ହେବାରୁ ଚାକିରି କରୁଥିବା ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆରଆଇଇ) ରୁ କ୍ୟାପିଟାଲ ହସ୍ପିଟାଲ କୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ସମାଜ ର କଲ୍ୟାଣ ପାଇଁ ନିଜର ଚକ୍ଷୁ ଦାନ କରି ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି। ନିଜର କର୍ମ ନିଷ୍ଠା, ସରଳତା ଓ ଉତ୍ସର୍ଗୀକୃତ ସେବା ମାଧ୍ୟମ ରେ ଅଞ୍ଚଳ ରେ ସମସ୍ତ ଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କର ମୃତ୍ୟୁ ରେ ସିନାପାଲି ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି। ସେ ଗୋଡାଲ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷା ଜୀବନ ଆରମ୍ଭ କରି ପରେ ସିଙ୍ଗଝର ଉଚ୍ଚ ବିଦ୍ୟାଳୟ ରେ ପାଠ ପଢି ୧୯୯୧ ମସିହାରେ କଳାହାଣ୍ଡି ଜିଲ୍ଲା ଟପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିଲେ। ପରେ ଭବାନୀପାଟଣା ରେ ଯୁକ୍ତ ଦୁଇ ଓ ଗ୍ରାଜୁଏସନ୍ ପରେ ବିଇଡି ସମାପ୍ତ ପରେ ସିନାପାଲି ବ୍ଲକ ମାଳପଡ଼ା ପ୍ରାଥମିକ ବିଦ୍ୟାଳୟ, ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଓ ପରବର୍ତ୍ତି ସମୟରେ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ରେ ଶିକ୍ଷକତା କରୁଥିଲେ । ତାଙ୍କର ମୃତ୍ୟୁ ପରେ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସର ରେ ଶେଷ ଦର୍ଶନ ପରେ ଆମ୍ବୁଲାନ୍ସ ଯୋଗେ ପୈତୃକ ଗ୍ରାମ ଗୋଡାଲ କୁ ଅଣାଯାଇଥିଲା ପରେ ଗାଁ ମଶାଣି ରେ ଶେଷ କୃତ୍ୟ ସମ୍ପନ୍ନ କରଯାଇଛି। ତାଙ୍କର ଏକମାତ୍ର ୫ ବର୍ଷ ର ପୁଅ ନୈତିକ ନାୟକ ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଅକାଳ ବିୟୋଗ ପରେ ସିଙ୍ଗଝର ଉଚ୍ଚ ବିଦ୍ୟାଳୟ, ଗୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଣ୍ଡରାମାଳି ସେବା ସଂଘ ସମେତ ଅନେକ ଅନୁଷ୍ଠାନ ରେ ଶୋକ ସଭା କରାଯାଇ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ସମ୍ପତ୍ତି ପାଇଁ ରକ୍ତରଞ୍ଜିତ ହେଲା ବନବାଳୀପୁର

### ସାନଭାଇ ମୁଣ୍ଡକୁ ଶିଳୁପୁଆରେ ଛେଚିଲା ବଡ଼, ଥାନାରେ ୫ ଅଟକ



ବାଲିପାଟଣା, : ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ଅଧୀନ ଦିଓ୍ୱାନ ପାଟଣା ମଠସାହି ଗ୍ରାମରେ ସମ୍ପତ୍ତି ଭାଗବଣ୍ଟା ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତକାଲି ବିଳମ୍ବିତ ରାତିରେ ରକ୍ତରଞ୍ଜିତ ହୋଇଛି । ବଡ଼ ଭାଇ ଏବଂ ପରିବାର ଲୋକଙ୍କ ଶିଳପୁଆ ଏବଂ କାଠ ଫାଳିଆରେ ଅତର୍କିତ ଆକ୍ରମଣରେ ମଝିଆଁ ଭାଇ ଲହୁଲୁହାଣ ହୋଇ ଗୁରୁତର ହୋଇଛନ୍ତି । ତାଙ୍କୁ ଗ୍ରାମବାସୀ ଏବଂ ପୁଲିସ ଉଦ୍ଧାରପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠା ଯାଇଛି । ସୂଚନା ଅନୁସାରେ ମଠସାହିର କ୍ଷେତ୍ର ମୋହନ ସାହୁ ଓରଫ ମାଗୁଙ୍କ ୩ ପୁଅ । ସମସ୍ତେ ବିବାହିତା । ପୈତୃକ ସମ୍ପତ୍ତି ଭାଗବଣ୍ଟା ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାପା ମାଗୁ , ବଡ଼ ପୁଅ ସନାତନ ଏବଂ ମଝିଆଁ ପୁଅ ଶରତଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଶରତ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି । ଘରେ ବିବାଦ ବଢିବାରୁ ସେ ତାଙ୍କ ପତ୍ନୀ ଏବଂ ପିଲାଙ୍କୁ ନେଇ ଭୁବନେଶ୍ୱରରେ ଘର ଭଡା କରି ରହୁଥିଲେ । ଗତକାଲି ଶରତ ବିଳମ୍ବିତ ରାତିରେ କୌଣସି କାମରେ ଘରକୁ ଆସିଥିଲେ । ସେତେବେଳେ ପରିବାର ଲୋକେ କବାଟ ବନ୍ଦ କରିଥିଲେ । ସେ ଦାଣ୍ଡ ପିଣ୍ଡାରେ ବହୁତ ସମୟ ଦାଣ୍ଡରେ ଅପେକ୍ଷା କରିବା ପରେ ଶେଷରେ କବାଟ ଖୋଲା ହୋଇଥିଲା । ଶରତ ଘରେ ପାଦ ଦେବା ମାତ୍ରେ ବଡ଼ ଭାଇ ସନାତନ ଏବଂ ପରିବାର ଲୋକେ ଶରତଙ୍କୁ ଶିଳପୁଆ ଏବଂ କାଠଫାଳିଆରେ ନିର୍ଘୃମ ମାଡ଼ ମାରିଥିଲେ । ସେ ସେଠାରେ ଗୁରୁତର ହୋଇ ପଡିଥିଲେ । ଚିତ୍କାର ଶୁଣି ଗ୍ରାମବାସୀ ପୁଲିସକୁ ଖବର ଦେବା ସହ ଘଟଣା ସ୍ଥଳକୁ ଯାଇଥିଲେ । ଶରତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏବେ ବି ଶରତ ସଂକଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ।

## ଡାବୁଗାଁ ବ୍ଲକରେ ଛଡା ଦରରେ ସାର ବିକ୍ରି ଘଟଣାକୁ କେନ୍ଦ୍ର କରି ତଦନ୍ତ ଆରମ୍ଭ କଲା କୃଷି ବିଭାଗ



ନବରଙ୍ଗପୁର : ଡାବୁଗାଁ ବ୍ଲକର ବିଭିନ୍ନ ଖୁଚୁରା ସାର ବିକ୍ରି ଦୁକାନକୁ ଯାଇ ଷ୍ଟକ ଏବଂ ବିକ୍ରୟ ରେଜିଷ୍ଟର ଯାଞ୍ଚ କରିବା ସହ ଚାଷୀଙ୍କୁ ବ୍ୟାଗରେ ମୁଦ୍ରିତ ମୂଲ୍ୟ ବା ସରକାରୀ ମୂଲ୍ୟରେ ସାର ଭିକ୍ରି ପାଇଁ ନିର୍ଦ୍ଦେଶ ଦେଲେ କୃଷି ଅଧିକାରୀ। ସୂଚନା ପ୍ରକାରେ ଡାବୁଗାଁ ବ୍ଲକରେ ପ୍ରାୟ ୫୧୦୦ ହେକ୍ଟରରେ ଧାନ, ୩୩୦୦ ହେକ୍ଟରରେ ମକା ଓ ଅନ୍ୟାନ୍ୟ ଜମିରେ ମାଣ୍ଡିଆ, ମୁଗ, ବିରି, କୋଳଥ, କାନ୍ଦୁଲ ଚାଷ ହେଉଛି। ବ୍ଲକର ୯୦ ପ୍ରତିଶତ ଚାଷୀଙ୍କୁ ଲ୍ୟାମ୍ପସ ଦ୍ୱାରା ପ୍ରତିବର୍ଷ ସରକାରୀ ଦରରେ ସାର ଓ ବିହନ ଯୋଗାଇ ଦିଆଯାଉଛି। ଡାବୁଗାଁ କୃଷି ବିଭାଗ ତରଫରୁ ସ୍ୱୀକୃତିପ୍ରାପ୍ତ ୨୨ ଜଣଙ୍କୁ ସାର ବିକ୍ରୟ ଅନୁମତି ଥିବା ବେଳେ ୩୫ ଜଣଙ୍କୁ ବିହନ ବିକ୍ରୟ ସ୍ୱୀକୃତି ମିଳିଛି। ଗତ ଫେବ୍ରୁଆରି ମାସରୁ ସ୍ୱୀକୃତିପ୍ରାପ୍ତ ସାର ବିକ୍ରେତା ସାର ଆଣି ମହଜୁଦ ରଖିଥିବା ବେଳେ ଲ୍ୟାମ୍ପସରେ ସାର ବିକ୍ରି ଉପରେ କଟକଣା ଥିବାରୁ ଖୁଚୁରା ବିକ୍ରେତା ଏହାର ଫାଇଦ ଉଠାଇ ଚାଷୀଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଏହାର ସତନ୍ତ ଆରମ୍ଭ କରିଛି କୃଷି ବିଭାଗ ଏବଂ ଯଦି ଚାଷୀଙ୍କୁ କଡା ଦରରେ ଖୁଚୁରା ବ୍ୟବସାୟୀ ମାନେ ସାର ବିକ୍ରି କରନ୍ତି ତେବେ ସେମାନଙ୍କ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇ ଦେଇଛନ୍ତି କୃଷି ଅଧିକାରୀ ।

## ସଂପାଦକୀୟ

# ମରୁଡ଼ିର ପଦଧ୍ୱନି !

ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ପ୍ରଭାବରେ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡି.) ପୂର୍ବାନୁମାନ କରିସାରିଛନ୍ତି। ଜନଜୀବନ ପାଇଁ ଏହା ଏକ ଗଭୀର ଚିନ୍ତାଜନକ ଖବର। ଚଳିତ ବର୍ଷ ମୌସୁମି ଦୁର୍ବଳ ହେବା ଏବଂ ଦକ୍ଷିଣ ଏସିଆରେ ବୃଷ୍ଟିପାତ ବାଧା ପ୍ରାପ୍ତ ହେବାର ଆଶଙ୍କା ପଛରେ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହେଉଥିବା 'ଏଲ୍ ନିନୋ'ର ପ୍ରଭାବ ଦାୟୀ। ଏହାର ପ୍ରଭାବ ସାଧାରଣତଃ ପ୍ରାୟ ୯ରୁ ୧୨ ମାସ ପର୍ଯ୍ୟନ୍ତ ଲାଗି ରହିଥାଏ। ଚଳିତ ଜୁନ୍ ମାସ ପ୍ରଥମ ସପ୍ତାହରେ ପ୍ରଶାନ୍ତ ମହାସାଗର ଜଳରାଶିର ତାପମାତ୍ରା 'ନିରପେକ୍ଷ' ରହିଛି। ଆଗାମୀ ତିନି ସପ୍ତାହରେ ଏହା 'ଦୁର୍ବଳ' ଅବସ୍ଥାକୁ ଆସିବ। ଜୁଲାଇରୁ ଅଗଷ୍ଟ ମଧ୍ୟରେ ଏହା 'ମଧ୍ୟମ' ଏବଂ ସେପ୍ଟେମ୍ବର ଶେଷ ବେଳକୁ ଏହା 'ଶକ୍ତିଶାଳୀ' ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଉଛି; ଯାହାକୁ 'ଏଲ୍ ନିନୋ'ର ଉଗ୍ର ମୂର୍ତ୍ତି ବୋଲି କହିପାରିବା। ଏଲ୍ ନିନୋ 'ଦୁର୍ବଳ' ଥିଲା ବେଳେ ମୌସୁମି ବର୍ଷାର ପରିମାଣ ସ୍ୱାଭାବିକ ଭାବେ କମିଯାଇଥାଏ। 'ମଧ୍ୟମ' ରହିଲେ ୧୦% ଯାଏ କମିଯାଏ। ଆକଳନ କରାଯାଉଛି ଯେ, ଆମ ଦେଶରେ ହାରାହାରି ୯୦%ରୁ କମ୍ ବୃଷ୍ଟିପାତ ହେବ। ଆମ ଓଡ଼ିଶାରେ ପ୍ରତି ବର୍ଷ ହାରାହାରି ୧୧୫ ସେ.ମି. (ସେଣ୍ଟିମିଟର) ବୃଷ୍ଟିପାତ ହୋଇଥାଏ। ଚଳିତ ବର୍ଷ ଦକ୍ଷିଣ ଓ କେନ୍ଦ୍ରୀୟ ଜିଲ୍ଲାମାନଙ୍କରେ ମୌସୁମି ବର୍ଷା ସ୍ୱାଭାବିକ କିମ୍ବା ଅଧିକ ରହିପାରେ ଏବଂ ଉତ୍ତର-ଓଡ଼ିଶାର ଜିଲ୍ଲାମାନଙ୍କରେ ମରୁଡ଼ି ଆଶଙ୍କା କରାଯାଇପାରେ। ମୌସୁମି ଋତୁରେ ମିଳୁଥିବା ମୋଟ ବୃଷ୍ଟିପାତ ପରିମାଣ ଅପେକ୍ଷା ଏହାର ଆଞ୍ଚଳିକ ବଣ୍ଟନ ଏବଂ ବୃଷ୍ଟିପାତ ସମୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଯଦି ସଦ୍ୟତମ ପୂର୍ବାନୁମାନ ସତ୍ୟ ହୁଏ, ତେବେ ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସ୍ୱଳ୍ପତମ ବୃଷ୍ଟିପାତ ବର୍ଷ ଭାବେ ୨୦୨୬ ମସିହା ସାବ୍ୟସ୍ତ ହେବାକୁ ଯାଉଛି। ପୂର୍ବରୁ ୨୦୧୫ ମସିହାରେ ଦେଶ ଏଭଳି ସ୍ଥିତିର ସାମନା କରିଥିଲା।ଭାରତୀୟ ମୌସୁମି ବର୍ଷା ଉପରେ ଏଲ୍ ନିନୋର ପ୍ରଭାବ ଅତ୍ୟନ୍ତ ଗଭୀର। ଏହି କାରଣରୁ ଅନାବୃଷ୍ଟି ଓ ଭୟଙ୍କର ମରୁଡ଼ି ପରିସ୍ଥିତି ଦେଖାଦେଇଥାଏ। ଏଲ୍ ନିନୋ କାରଣରୁ ସୃଷ୍ଟି ହୋଇଥିବା ୧୮୬୬-୬୭ ନଅଙ୍କ ଦୁର୍ଭିକ୍ଷ, ୧୮୭୬-୧୮୭୮ ମହା-ଦୁର୍ଭିକ୍ଷ ଭାରତ ଇତିହାସର ସବୁଠାରୁ ଭୟଙ୍କର ମରୁଡ଼ି ମଧ୍ୟରୁ ଅନ୍ୟତମ। ଏହା ପ୍ରଭାବରେ ଅନାହାର ଓ ଅପପୁଷ୍ଟିରେ କୋଟି କୋଟି ଲୋକ ପ୍ରାଣ ହରାଇଥିଲେ। ୨୦୦୨ ଓ ୨୦୦୯ ମଧ୍ୟ ଶକ୍ତିଶାଳୀ ଏଲ୍ ନିନୋ ବର୍ଷ ଥିଲା। ଏଥିଯୋଗୁଁ ମୌସୁମି ବର୍ଷା ସ୍ୱାଭାବିକଠାରୁ ୧୯% କମିଯିବା ଫଳରେ, ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୧୮% ହ୍ରାସ ପାଇଥିଲା। ୧୯୫୦ ପରଠାରୁ ଭାରତ ଯେଉଁ ୧୫ଟି ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଛି, ସେଥିରୁ ପ୍ରାୟ ୧୦ଟି ଏଲ୍ ନିନୋ କାରଣରୁ ଘଟିଛି। ଏଲ୍ ନିନୋ ଯେପରି ପ୍ରକୃତି ସୃଷ୍ଟ, ଭାରତୀୟ ମହାସାଗରୀୟ 'ଡାଇପୋଲ୍' ବା 'ଇଣ୍ଡିଆନ୍ ଓସନ୍ ଡାଇପୋଲ୍' (ଆଇଓଡି) ମଧ୍ୟ ଏକ ପ୍ରକୃତି ସୃଷ୍ଟ ପାଣିପାଗ ପ୍ରକ୍ରିୟା; ଯାହା ଏଲ୍ ନିନୋ ପ୍ରଭାବକୁ କମାଇବାରେ ସହାୟକ ହୋଇଥାଏ। ସରଳ ଭାଷାରେ କହିଲେ, ସକାରାତ୍ମକ 'ଡାଇପୋଲ୍' ସମୟରେ ଆଫ୍ରିକା ଉପକୂଳ ନିକଟବର୍ତ୍ତୀ ପଶ୍ଚିମ ଭାରତ ମହାସାଗର ସ୍ୱାଭାବିକରୁ ଅଧିକ ଗରମ ଏବଂ ଇଣ୍ଡୋନେସିଆ ନିକଟବର୍ତ୍ତୀ ପୂର୍ବ ଭାଗ ଅଧିକ ଥଣ୍ଡା ରହେ। ଏହା ମୌସୁମି ବାୟୁକୁ ଆକର୍ଷିତ କରି ଭାରତରେ ବର୍ଷା କରାଇବାରେ ସାହାଯ୍ୟ କରିଥାଏ। ନକାରାତ୍ମକ 'ଡାଇପୋଲ୍' ହେଲେ ଓଲଟା ପ୍ରଭାବ ପଡ଼େ। ଯଦିଓ 'ଏଲ୍ ନିନୋ' ଓ 'ନେଗେଟିଭ୍ ଆଇଓଡି' ପ୍ରାୟ ଗୋଟିଏ ସମୟରେ ସୃଷ୍ଟି ହୋଇ ନଥାନ୍ତି, ଚଳିତ ବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଯେତେବେଳେ ପ୍ରଶାନ୍ତ ମହାସାଗର ପୃଷ୍ଠ-ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହୁଏ, ଏହାକୁ 'ସୁପର ଏଲ୍ ନିନୋ' ବୋଲି କୁହାଯାଏ। ବୈଶ୍ୱିକ ଉତ୍ତାପ ବୃଦ୍ଧି ଯୋଗୁଁ ଏହା ବର୍ତ୍ତମାନ ରେକର୍ଡ ବେଗରେ ରୂପ ନେଉଛି, ଯାହା ୨୦୨୬-୨୭କୁ ସବୁଠାରୁ ଉତ୍ତପ୍ତ ବର୍ଷ କରିଛି। ଚଳିତ ବର୍ଷ 'ସୁପର ଏଲ୍ ନିନୋ' ହେବାର ଆଶଙ୍କା ୮୨% ରହିଛି, ଯାହା ୧୮୭୬-୭୮ ମସିହା ପରି ନିର୍ମମ ପରିସ୍ଥିତି ସୃଷ୍ଟି କରିପାରେ।

ବିଶ୍ୱ ପାଣିପାଗର ଏହି ପରିବର୍ତ୍ତନ ସମସ୍ତଙ୍କ ପାଇଁ ଏକ ଚେତାବନୀ। ଆବଶ୍ୟକତାଠାରୁ କମ୍ ମୌସୁମି ବର୍ଷା ହେଲେ, ସବୁଠାରୁ ବଡ଼ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡ଼ିଥାଏ। ବିଶେଷ କରି ମରୁଡ଼ିପ୍ରବଣ ଅଞ୍ଚଳର ଚାଷୀମାନେ ଗମ୍ଭୀର ଆର୍ଥିକ ସଙ୍କଟର ସାମନା କରନ୍ତି। ଚାଷୀଙ୍କ ଋଣଭାର ଓ ଦାଦନ ସମସ୍ୟା ବଢ଼େ। କୃଷି ଉତ୍ପାଦନ ହ୍ରାସ ପାଇଲେ ଖାଦ୍ୟ-ମୁଦ୍ରାସ୍ଫୀତି ବୃଦ୍ଧି ହେବା ସ୍ୱାଭାବିକ। ଏହା ଫଳରେ ଆନୁଷଙ୍ଗିକ କୃଷିଜାତ ଦ୍ରବ୍ୟ, ଶିଳ୍ପ ଓ ସେବା କ୍ଷେତ୍ରେ ମୁଦ୍ରାସ୍ଫୀତି ପ୍ରଭାବିତ ହୁଏ। ବର୍ଷା ଅଭାବରୁ ଦେଶର ପ୍ରମୁଖ ଜଳଭଣ୍ଡାର ଓ ଡ୍ୟାମ୍‌ଗୁଡ଼ିକ ଶୁଖିଯିବା ଫଳରେ ଜଳବିଦ୍ୟୁତ୍ ଉତ୍ପାଦନ କମେ ଏବଂ ଭୂଗର୍ଭ ଜଳସ୍ତର ନିମ୍ନଗାମୀ ହୁଏ।ଏଭଳି ସ୍ଥଳେ ଏହି ବିପତ୍ତିରୁ କିପରି ଉଦ୍ଧାର ପାଇବା, ସେ ବିଷୟରେ ଆଲୋଚନା କରିବା ଅଧିକ ପ୍ରାସଙ୍ଗିକ ହୋଇଥାଏ। ଜଳ ସଂରକ୍ଷଣ, ବନୀକରଣ ଓ ଉନ୍ନତ କୃଷି ପ୍ରଣାଳୀ ମାଧ୍ୟମରେ ମରୁଡ଼ିର ମୁକାବିଲା କରାଯାଇପାରିବ। ପାରମ୍ପରିକ ଜଳସେଚନ ସ୍ଥାନରେ ଡ୍ରିପ୍ ଓ ସ୍ପ୍ରିଙ୍କଲର ଜଳସେଚନ ବ୍ୟବସ୍ଥା କରିବାକୁ ପଡ଼ିବ। ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ ବଦଳରେ ମରୁଡ଼ି ସହନଶୀଳ ଫସଲ ଚାଷ, ଅଳ୍ପ ଦିନରେ ଅମଳ ହେଉଥିବା କିସମ ଏବଂ ଯଥା ସମ୍ଭବ ଜୈବ ଖତର ବ୍ୟବହାର ବଢ଼ାଇବାକୁ ପଡ଼ିବ। ଫସଲ ବୀମା ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ମଧ୍ୟ ଦରକାର। ମରୁଡ଼ି ମୁକାବିଲା କରିବାର ବ୍ୟବସ୍ଥା ମଧ୍ୟରେ ବର୍ଷାଜଳ ଅମଳ ପାଇଁ ନୂତନ ପୋଖରୀ, ଟ୍ରେଞ୍ଚ ଓ ଚେକ୍ ଡ୍ୟାମ ନିର୍ମାଣ ଏବଂ ପୁରୁଣା ଜଳାଧାରଗୁଡ଼ିକର ପୁନରୁଦ୍ଧାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖରିଫ ଫସଲକୁ ବଞ୍ଚାଇବା ପାଇଁ ସୌରଶକ୍ତି ବ୍ୟବହାର କରି ସୋଲାର ପମ୍ପ, ଉନ୍ନତ ଜଳସେଚନ ପ୍ରଣାଳୀର ପ୍ରୟୋଗ, ମରୁଡ଼ି ସହନଶୀଳ ବା କମ୍ ପାଣି ଆବଶ୍ୟକ କରୁଥିବା ଫସଲ ଯଥା- ମାଣ୍ଡିଆ, ମୁଗ, ବିରି ଓ ହରଡ଼ ଚାଷକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। ବିକାଶ ନାଁରେ ନିର୍ଦ୍ଦୟ ଭାବେ ଗଛ କାଟିବା ବଦଳରେ ଅଧିକରୁ ଅଧିକ ଗଛ ଲଗାଇଲେ, ପରିବେଶ ସନ୍ତୁଳିତ ହୁଏ ଏବଂ ବୃଷ୍ଟିପାତ ନିୟମିତ ହୋଇଥାଏ। ଅନାବଶ୍ୟକ ଭାବେ ମାତ୍ରାଧିକ ରସାୟନିକ ସାର ଓ ରୋଗପୋକନାଶକ ବ୍ୟବହାର ନକରି ଜମିର ଆର୍ଦ୍ରତା ବଜାୟ ରଖିବା ପାଇଁ ଘୋଡ଼ାଇ ରଖିବାକୁ (ମଲଚିଂ) ପଡ଼ିବ। ସରକାରଙ୍କୁ ଚାଷୀଙ୍କ ପାଖରେ କୃଷି ସୂଚନା, ରିହାତି ଦରରେ ଯନ୍ତ୍ରପାତି, ବିହନ, ନାନୋ ସାର ଇତ୍ୟାଦି ପହଞ୍ଚାଇବାକୁ ପଡ଼ିବ।

ନାନୋ ସାର ଓ କୀଟନାଶକ ବ୍ୟବହାର ଲାଗି ଡ୍ରୋନ୍ ବ୍ୟବହାର କରିବାକୁ ପଡ଼ିବ। ପଲି-ହାଉସ୍ ମଧ୍ୟରେ ପନିପାରିବା ଚାଷ କରି ଶୀତଳ ଭଣ୍ଡାରରେ ଅଧିକ ଦିନ ସାଇତିବାକୁ ପଡ଼ିବ। ତାହା ସହ, ଆମକୁ ମାଣ୍ଡିଆ ଭଳି ଶସ୍ୟ ବ୍ୟବହାର କରିବା ସହ ପ୍ରକ୍ରିୟାକରଣ କରାଯାଇଥିବା ଖାଦ୍ୟ ପ୍ରସ୍ତୁତି ଓ ବ୍ୟବହାର ବଢ଼ାଇବାକୁ ପଡ଼ିବ। ସେହିପରି, ଫସଲ ଚାଷ ସହ ଆନୁଷଙ୍ଗିକ କୃଷିକର୍ମ ଯଥା ପଶୁପାଳନ, ମାଛଚାଷ, ମହୁଚାଷ, ଅଣ୍ଡା ଓ ମାଂସ ପାଇଁ କୁକୁଡ଼ାଚାଷ ବଢାଇବାକୁ ପଡ଼ିବ। କେବଳ ପାରମ୍ପରିକ ଚାଷ ଉପରେ ନିର୍ଭର ନ କରି ମହୁମାଛି ପାଳନ, ଛେଳି ପାଳନ ଓ ଛତୁ ଚାଷ କରି କ୍ଷତିର ଭରଣା କରିହେବ। ମରୁଡ଼ି ପରିସ୍ଥିତି ସହିତ କେତେବେଳେ ମଧ୍ୟ ସ୍ଥାନେ ସ୍ଥାନେ ବାଦଲଫଟା ବର୍ଷା ହେବାକୁ ଏଡ଼ାଇ ଦିଆଯାଇ ନପାରେ। ସରକାର ଉଭୟ ପରିସ୍ଥିତିକୁ ପ୍ରାକୃତିକ ବିପର୍ଯ୍ୟୟ ମନେକରି ପଦକ୍ଷେପ ନେବା ଦରକାର। କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ବିଭାଗର ବୈଜ୍ଞାନିକ, କ୍ଷେତ୍ର କର୍ମଚାରୀମାନେ ଚାଷୀଙ୍କ ପାଖରେ ଛାଇ ଭଳି ନ ରହିଲେ, ଅବସ୍ଥା ସଙ୍ଗିନ୍ ହୋଇଯିବା ନିଶ୍ଚିତ। ମରୁଡ଼ି କାରଣରୁ ଫସଲ ନଷ୍ଟ ହୋଇଯିବା ମାତ୍ରେ, ବିକଳ୍ପ ଫସଲ ଚାଷ କରିବା ପାଇଁ ଚାଷୀଙ୍କୁ ବ୍ୟାଙ୍କରୁ ଋଣ ଯୋଗାଇ ଦେବାକୁ ପଡ଼ିବ। ସେମିତି ସୁଲଭ ଦରରେ ବିହନ ଯୋଗାଇବାକୁ ହେବ। ଫସଲ କ୍ଷୟକ୍ଷତିର ଭରଣା କରିବା ପାଇଁ ଚାଷୀଙ୍କ ଋଣଛାଡ଼ କରିବାକୁ ପଡ଼ିବ। ଏଥିପାଇଁ ରାଜସ୍ୱ ବିଭାଗ ତତ୍ପରତା ପ୍ରଦର୍ଶନ କରି ରିଲିଫ୍ କୋଡ୍ ସଂଶୋଧନ କରିବା ଦରକାର। ଏହା ନ କରି ପ୍ରଚଳିତ ନିୟମ ଅନୁସାରେ ସ୍ୱଳ୍ପ-ମିଆଦୀ କୃଷି ଋଣକୁ ମଧ୍ୟମ-ମିଆଦୀ ଋଣକୁ ରୂପାନ୍ତରିତ କଲେ ଏବଂ ମିଆଦ ଋଣର ପରିଶୋଧ ଅବଧି ବଢ଼ାଇ ଦେଲେ, ଚାଷୀଙ୍କ ଅଣ୍ଟା ଭାଙ୍ଗିଯିବ।ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନହେଲେ, ଉଭୟ ମାନବ ଓ ପଶୁପକ୍ଷୀ ସମ୍ପଦ ଘୋର ଆକ୍ରାନ୍ତ ହେବେ।

# ଗ୍ରୀଷ୍ମରୁ ସୁରକ୍ଷା- ଭାରତର ପାରମ୍ପରିକ ଜ୍ଞାନକୌଶଳ

ଆଜିକାଲି ଉଚ୍ଚ ଆପାର୍ଟମେଣ୍ଟ, ଅଫିସ ସବୁରେ ବିଦ୍ୟୁତଶକ୍ତି ବ୍ୟବହାର କରି ଏୟାର କଣ୍ଡିସନର ଦ୍ୱାରା ଲୋକେ କୋଠରିକୁ ଥଣ୍ଡା ରଖୁଛନ୍ତି । ଲୋକଙ୍କୁ ଲାଗୁଛି ଆଉ ଉପାୟ ନାହିଁ । କିନ୍ତୁ ବହୁ ପୂର୍ବରୁ ଭାରତୀୟମାନେ ଘରଗୁଡ଼ିକୁ ଗରମ ଦିନମାନଙ୍କରେ ଶୀତଳ କରିବାର ବ୍ୟାବହାରିକ ବିଦ୍ୟା ଜାଣିଥିଲେ । ସେତେବେଳେ ଲୋକମାନେ ପରିବେଶ ଅନୁକୂଳ ଜୀବନଶୈଳୀ ଅନୁସରଣ କରୁଥିଲେ । ବିନା ଯନ୍ତ୍ର ସାହାଯ୍ୟରେ ସାଧାରଣ ସ୍ଥାପତ୍ୟ କଳା ଥିବା ଗୃହମାନ ପ୍ରଚଣ୍ଡ ଗ୍ରୀଷ୍ମ, ପ୍ରବଳ ବର୍ଷା ଏବଂ ଶୁଷ୍କ ପବନରେ ମଧ ଅସହ୍ୟ ଲାଗୁନଥିଲା ।ଏବେ ଭାରତରେ ଗ୍ରୀଷ୍ମ ଲହରୀ ରେକର୍ଡ କରୁଛି । ବିଦ୍ୟୁତ୍ ବ୍ୟବହାର ବହୁଗୁଣିତ ହୋଇଛି, ସବୁଜିମା ଲୋପ ପାଉଛି । ସହରାଞ୍ଚଳରେ ତାପମାତ୍ରା ବିପଜ୍ଜନକ ସ୍ତରକୁ ଛୁଉଁଛି । ଏବେ ଏକ କଠିନ ପ୍ରଶ୍ନ ଆସୁଛି 'ପୁରୁଣା ପିଢ଼ିର ଲୋକମାନେ ଆମ ଅପେକ୍ଷା ଜୀବନଯାପନ ଶୈଳୀକୁ ଭଲ ଭାବରେ ବୁଝିଥିଲେ କି' ଏହାର ଉତ୍ତର ପୁରୁଣା ଭାରତୀୟ ଘର, ଗ୍ରାମ, ରାସ୍ତା, ଅଗଣା, ଜଳ ବ୍ୟବସ୍ଥା ଏବଂ ଦୈନନ୍ଦିନ ଅଭ୍ୟାସର ଅବଲୋକନରେ ରହିଛି । ଆଜି ଦିନରେ ଆଧୁନିକ ସମାଜ କଂକ୍ରିଟ୍ ସହରୀକରଣ ଦୌଡ଼ରେ ଧୀରେ ଧୀରେ ସେହି ବିଜ୍ଞାନକୁ ଭୁଲି ସାରିଛି ।ପାରମ୍ପରିକ ଭାରତୀୟ ଜୀବନଶୈଳୀ ଶତାବ୍ଦୀ ଶତାବ୍ଦୀ ଧରି ଜଳବାୟୁ, ପବନର ଦିଗ ଆଉ ବେଗ, ସୂର୍ଯ୍ୟକିରଣ, ମାଟି, ବର୍ଷା ଏବଂ ସ୍ଥାନୀୟ ପରିବେଶର ପର୍ଯ୍ୟବେକ୍ଷଣ ମାଧ୍ୟମରେ ବିକଶିତ ହୋଇଥିଲା । ଲୋକମାନେ ପ୍ରକୃତି ନିୟମ ହିସାବରେ ଘର ତିଆରି କରୁଥିଲେ । ସେଇଥିପାଇଁ ଗ୍ରୀଷ୍ମ ଋତୁରେ ମଧ୍ୟ ଅନେକ ପୁରୁଣା ଘର ଆଶ୍ଚର୍ଯ୍ୟଜନକ ଭାବରେ ଥଣ୍ଡା ରହୁଥିଲା ।କଂକ୍ରିଟ୍ ତୁଳନାରେ ମାଟି କାନ୍ଥ କମ୍ ଉତ୍ତାପ ଶୋଷଣ କରେ । ମାଟିର ଚଟାଣ ପ୍ରାକୃତିକ ଭାବରେ ଥଣ୍ଡା ଲାଗିଥାଏ । ମାଟି ଟାଇଲ୍ସ କିମ୍ବା ଛଣ ଓ କାଠ ତିଆରି ଛାତ ଉତ୍ତାପକୁ ବାନ୍ଧିରଖେନାହିଁ । ବାୟୁ ଚଳାଚଳ ହେତୁ ଏକ ସ୍ଥାନରେ ତାପ କେନ୍ଦ୍ରିତ ହୁଏନାହିଁ । ଝରକାଗୁଡ଼ିକ କ୍ରସ୍ ଭେଣ୍ଟିଲେସନ୍ ପାଇଁ ଠିକ୍‌ରେ ଲଗାଯାଇଥାଏ । ଘରର ମଝିରେ ଥିବା ଖୋଲା ଅଗଣା ଦେଇ ଗରମ ପବନ ଉପରକୁ ନିଷ୍କାସିତ ହୁଏ । କୁହାଯାଇପାରେ ପାରମ୍ପରିକ ଘରଗୁଡ଼ିକ ଜୀବନ୍ତ ଇକୋସିଷ୍ଟମ ପରି କାର୍ଯ୍ୟ କରୁଥିଲା । କିନ୍ତୁ ଆଧୁନିକ ଆପାର୍ଟମେଣ୍ଟ ଏବଂ ଅଫିସଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଥିବା ତାପ କୋଠରି ଅଟେ ।ଭାରତର ଅନେକ ସ୍ଥାନରେ, ସ୍ଥାନୀୟ ଜଳବାୟୁର ପରିସ୍ଥିତି ଅନୁସାରେ ଘରଗୁଡ଼ିକ ଡିଜାଇନ୍ ବା ରୂପାଙ୍କନ କରାଯାଇଥିଲା । ଗରମ ଅଞ୍ଚଳରେ ଛାତ ଉଚ୍ଚ ହୋଇଥିଲା । କାରଣ ଗରମ ପବନ ଉପରକୁ ଉଠେ, ତଳ ଆଡକୁ ଥଣ୍ଡା ରହେ । ବାରଣ୍ଡା ଥିବାରୁ ସୂର୍ଯ୍ୟକିରଣ ସିଧାସଳଖ କାନ୍ଥ ଉପରେ ପଡୁନଥିଲା, ଛାଇ ମିଳୁଥିଲା । ଘର ଚାରିପାଖରେ ଗଛ ଲଗାଯାଇଥିଲା । ଏହା ଘରର ସୌନ୍ଦର୍ଯ୍ୟବର୍ଦ୍ଧନ କରିବା ସହ ତାପମାତ୍ରା ନିୟନ୍ତ୍ରଣ ମଧ୍ୟ କରୁଥିଲା । ଘର ବାହାରେ ପ୍ରାୟ ଆମ୍ବ ପରି ଫଳଗଛଟିଏ ରହୁଥିଲା । କୁହାଯାଇପାରେ ଏହା ଜଳବାୟୁ ଇଞ୍ଜିନିୟରିଂ ଥିଲା ।ନିମ, ବର, ନଡ଼ିଆ, ତାଳ, ଅଶ୍ୱତ୍ଥ ଆଦି ଗଛ ତଥା ବାଉଁଶବଣ ସବୁ ପରିବେଶ ସୁରକ୍ଷାର କାର୍ଯ୍ୟ କରୁଥିଲା । ପାରିପାର୍ଶ୍ୱିକ ତାପମାତ୍ରା ହ୍ରାସ ହେଉଥିଲା, ବାୟୁ ସଞ୍ଚାଳନରେ ସମସ୍ୟା ନଥିଲା । ମାଟିର ଆର୍ଦ୍ରତା ବଜାୟ ରହୁଥିଲା ଏବଂ ଟାଣଖରାରୁ ଘରକୁ ସୁରକ୍ଷା ମିଳୁଥିଲା । ଗଛଲତାର ସବୁଜ ବଳୟ ଏବଂ ପୋଖରୀଗୁଡ଼ିକ ଜଳବାୟୁର ସୂକ୍ଷ୍ମ ନିୟନ୍ତ୍ରଣ କରୁଥିଲେ । ଫଳରେ ଗ୍ରାମଗୁଡ଼ିକ ସ୍ୱାଭାବିକ ଭାବରେ ଥଣ୍ଡା ରହୁଥିଲା ।ତାପମାନ



ନିୟନ୍ତ୍ରଣରେ ପାଣି ମଧ୍ୟ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିଲା । ପାରମ୍ପରିକ ଭାରତୀୟ ଗ୍ରାମଗୁଡିକ କ୍ୱଚିତ ଜଳାଶୟକୁ ଅଣଦେଖା କରୁଥିଲେ । ପୋଖରୀ, କୂଅ, ଟାଙ୍କି, କେନାଲ ଆଦି ସାମୁଦାୟିକ ଜୀବନରେ ଦେଖାଦେଉଥିଲା । ଘର ନିକଟ ପୋଖରୀଗୁଡ଼ିକରୁ ବାଷ୍ପୀକରଣ ହେବାରୁ ପ୍ରାକୃତିକ ଭାବରେ ଚାରିପାଖର ବାୟୁ ଥଣ୍ଡା ରହୁଥିଲା। ସନ୍ଧ୍ୟାରେ ପରିବାରଗୁଡ଼ିକ ଜଳାଶୟ ନିକଟରେ ଖୋଲାରେ ମିଳାମିଶା କରୁଥିଲେ ।ପାରମ୍ପରିକ ଭାରତୀୟ ସ୍ଥାପତ୍ୟରେ ସର୍ବନିମ୍ନ ଶକ୍ତି ଆବଶ୍ୟକ ହେଉଥିଲା । କିନ୍ତୁ ପରିବେଶ ମଣିଷ ପାଇଁ ଥଣ୍ଡା ରହୁଥିଲା । ଦୈନନ୍ଦିନ କାର୍ଯ୍ୟକ୍ରମ ମଧ୍ୟ ଜଳବାୟୁର ସ୍ଥିତି ସହିତ ତାଳଦେଇ କରାଯାଉଥିଲା । ଲୋକମାନେ ଶାରୀରିକ ଭାବରେ କଷ୍ଟକର କାମ ସାରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଉଠୁଥିଲେ । ସର୍ବାଧିକ ଗରମ ସମୟ ଯଥା ମଧ୍ୟାହ୍ନ ସମୟରେ ବିଶ୍ରାମ ନେଉଥିଲେ । ତାପମାତ୍ରା ହ୍ରାସ ପାଇବା ପରେ ଅପରାହ୍ନ ତଥା ସନ୍ଧ୍ୟା ଆଡ଼କୁ ପୁଣି କାମ ଆରମ୍ଭ ହେଉଥିଲା । ଆଜିର ସହରାଞ୍ଚଳ ଜୀବନଶୈଳୀରେ ପ୍ରାୟତଃ ଜୈବିକ ତଥା ଜଳବାୟୁର ବାସ୍ତବତାକୁ ଅଣଦେଖା କରାଯାଉଛି । ନିର୍ମାଣ ଶ୍ରମିକମାନେ ମଧ୍ୟାହ୍ନ ତଥା ଅପରାହ୍ନର ଅତ୍ୟଧିକ ଗରମରେ ମଧ କାର୍ଯ୍ୟ କରୁଛନ୍ତି । କାଚ ଝରକାସବୁ ବାହାରର ତାପକୁ କାର୍ଯ୍ୟାଳୟ କୋଠରି ଭିତରକୁ ଯିବାକୁ ଦେଉଛି କିନ୍ତୁ ବନ୍ଦ କରିରଖୁଛି । ଟ୍ରାଫିକ୍ ଭିଡ଼ ଯୋଗୁ ଅତିରିକ୍ତ ଉତ୍ତାପ ଏବଂ ପ୍ରଦୂଷଣ ସୃଷ୍ଟି ହେଉଛି । ଏୟାର କଣ୍ଡିସନର କୋଠରି ଭିତରକୁ ଥଣ୍ଡା ରଖୁଛି ସତ, କିନ୍ତୁ ବାହାରକୁ ଗରମ ପବନ ଛାଡୁଛି, ଯାହାଦ୍ୱାରା ସହରାଞ୍ଚଳର ତାପମାତ୍ରା ଆହୁରି ବୃଦ୍ଧି ହେଉଛି । ପ୍ରକୃତିକୁ ଜୟ କରିବାକୁ ଚେଷ୍ଟାରେ ଆଧୁନିକ ସହରଗୁଡ଼ିକ ନିଜକୁ କମ୍ ବାସଯୋଗ୍ୟ କରିଚାଲିଛନ୍ତି ।ପାରମ୍ପରିକ ପୋଷାକ ମଧ ଜଳବାୟୁ ଜ୍ଞାନକୁ ପ୍ରତିଫଳିତ କରେ । ସୂତା ପୋଷାକରେ ବାୟୁ ଚଳାଚଳ ସହଜ ହୁଏ । ଝାଳ ବାଷ୍ପ ହେଉଥିବାରୁ ଶରୀରକୁ ଥଣ୍ଡା ଲାଗେ । ଢିଲା ପୋଷାକ ଶରୀରକୁ ସିଧାସଳଖ ଉତ୍ତାପରୁ ରକ୍ଷା କରିଥାଏ । ଧଳା କିମ୍ବା ହାଲୁକା ରଙ୍ଗର କପଡ଼ା ସୂର୍ଯ୍ୟକିରଣରୁ ତାପ ଶୋଷଣ କରିବା ପରିବର୍ତ୍ତେ ପ୍ରତିଫଳିତ କରିଥାଏ । ମୁଣ୍ଡରେ ପଗଡ଼ି, ଗାମୁଛା ଘୋଡ଼ାଇବା ଦ୍ୱାରା ଶ୍ରମିକମାନେ ସନଷ୍ଟ୍ରୋକ୍‌ରୁ ରକ୍ଷା ପାଇଥାନ୍ତି ।ଋତୁ ଅନୁସାରେ ଖାଦ୍ୟ ଅଭ୍ୟାସ ମଧ୍ୟ ପରିବର୍ତ୍ତିତ ହେଉଥିଲା । ଭାରତୀୟ ପରିବାରଗୁଡ଼ିକ ଗ୍ରୀଷ୍ମଋତୁରେ ବେଶି ଜଳଯୁକ୍ତ ଏବଂ ଥଣ୍ଡାଖାଦ୍ୟ ବ୍ୟବହାର କରୁଥିଲେ । ଦହି, ତୋରାଣି, ଛତୁଆ ବା ବେଲପଣା, ପଇଡ଼ପାଣି ଇତ୍ୟାଦି ପିଉଥିଲେ। କାକୁଡ଼ି, ତରଭୁଜ ପରି ଋତୁକାଳୀନ ଫଳ ଖାଉଥିଲେ । ସୁରେଇ, ମାଠିଆ ପରି ମାଟିପାତ୍ରରେ ପାନୀୟଜଳ ରଖାଯାଉଥିଲା, ଯାହା ପ୍ରାକୃତିକ ଭାବରେ ଥଣ୍ଡା ରହୁଥିଲା । ଓଡ଼ିଶାରେ ପଖାଳଭାତ ଜଳବାୟୁ ଅନୁକୂଳ ଖାଦ୍ୟ ଥିଲା । ଅତ୍ୟଧିକ ଗରମ ସମୟରେ ଶରୀରରେ ଆବଶ୍ୟକ ଜଳୀୟ ଅଂଶ କମ୍ ହୋଇଯାଉଥିବାରୁ ଏହା ଶରୀରକୁ ପ୍ରଚୁର ଜଳ ଦେଉଥିଲା ଏବଂ ହଜମରେ ସାହାଯ୍ୟ କରୁଥିଲା । ଏହିପରି ଅନେକ ପାରମ୍ପରିକ ଖାଦ୍ୟ ଶରୀରର ତାପମାତ୍ରା ଏବଂ ଜଳୀୟ ଅଂଶ ବଜାୟ ରଖିବା ପାଇଁ ବୈଜ୍ଞାନିକ ଭାବରେ ଉପଯୁକ୍ତ ଥିଲା ।ପୁରାତନ ଭାରତରେ ସାମୁଦାୟିକ ଯୋଜନା ମଧ୍ୟ ପରିବେଶରେ ସନ୍ତୁଳନ ରକ୍ଷା କରୁଥିଲା । ପୁରୁଣା ଜନବସତିଗୁଡିକରେ ରାସ୍ତାସବୁ ପ୍ରାୟତଃ ଅଣଓସାରିଆ ଏବଂ ଛାଇଯୁକ୍ତ ଥିଲା, ଯାହା ସିଧାସଳଖ ଉତ୍ତାପର ସଂସ୍ପର୍ଶକୁ ହ୍ରାସ କରୁଥିଲା । ଘରଗୁଡ଼ିକ ଏପରି ଭାବରେ ପାଖାପାଖି ରହିଥିଲା ଯାହାଦ୍ୱାରା ଶୀତଳ ପଥ ସୃଷ୍ଟି ହେଉଥିଲା । ମନ୍ଦିରର ପୋଖରୀ, ଗ୍ରାମର ଜଙ୍ଗଲ, ଚରାଭୂମି ଏବଂ ଅନ୍ୟ ପୋଖରୀକୁ ସାଧାରଣ ପରିବେଶଗତ ସମ୍ପତ୍ତି ଭାବରେ ସଂରକ୍ଷିତ ରଖାଯାଇଥିଲା ।ଏହାର ବିପରୀତରେ ଆଧୁନିକ ସହରାଞ୍ଚଳ ସଂପ୍ରସାରଣରେ ଆର୍ଦ୍ରଭୂମିକୁ ପୋତାଯାଉଛି, ଗଛ କଟାଯାଉଛି, ପୋଖରୀସବୁକୁ ଜବରଦଖଲ କରାଯାଉଛି ଏବଂ ପ୍ରତ୍ୟେକ ଖାଲି ସ୍ଥାନକୁ କଂକ୍ରିଟ୍ ଦ୍ୱାରା ଆଚ୍ଛାଦିତ କରାଯାଉଛି । ଏପରି ସହରଗୁଡ଼ିକ ବହୁଗୁଣରେ ତାପ ଶୋଷଣ କରେ ଏବଂ ଅଟକାଇ ରଖେ । ଆଉ ତାପ ନିୟନ୍ତ୍ରଣ କରିବାପାଇଁ ପାରମ୍ପରିକ ଶୀତଳୀକରଣ ପ୍ରଣାଳୀଗୁଡ଼ିକ ଅପସାରିତ ହୋଇଯାଇଛି । ଏହାର ପରିଣାମ ଆଜି ଦୃଶ୍ୟମାନ ହେଉଛି । ତାପମାନ ଅଧିକ ମାରାତ୍ମକ ହୋଇଚାଲୁଛି । ଶୀତଳୀକରଣ ଚାହିଦା ଯୋଗୁଁ ପ୍ରତି ଗ୍ରୀଷ୍ମଋତୁରେ ବିଦ୍ୟୁତ ବ୍ୟବହାର ଦ୍ରୁତଗତିରେ ବୃଦ୍ଧିପାଉଛି । ଜଳକଷ୍ଟ ତୀବ୍ର ହେଉଛି । ବାୟୁ ପ୍ରଦୂଷଣ ଯୋଗୁଁ ସ୍ୱାସ୍ଥ୍ୟ ଖରାପ ହେଉଛି । ମଝିରାତି ପର୍ଯ୍ୟନ୍ତ ସହରାଞ୍ଚଳରେ ତାପମାତ୍ରା ଅଧିକ ରହୁଛି । କାରଣ କଂକ୍ରିଟ୍ ରାତିସାରା ଧୀରେ ଧୀରେ ଧରି ରଖିଥିବା ତାପ ଛାଡ଼ିଥାଏ ।ବିଡ଼ମ୍ବନାର ବିଷୟ ହେଉଛି, ଆଧୁନିକ ଜୀବନଶୈଳୀ ବର୍ତ୍ତମାନ କୃତ୍ରିମ ଶୀତଳୀକରଣ ପ୍ରଣାଳୀ ଉପରେ ବହୁତ ନିର୍ଭର କରୁଛି । ଏହା ବ୍ୟାପକ ଶକ୍ତି ବ୍ୟବହାର କରେ, ଫଳରେ ପରିବେଶରେ ଉଷ୍ମତା ବୃଦ୍ଧିହୁଏ । ବିପରୀତରେ, ପାରମ୍ପରିକ ଭାରତୀୟ ଜୀବନଯାପନ ନିଷ୍କ୍ରିୟ ଶୀତଳୀକରଣ ଉପରେ ଆଧାରିତ ଥିଲା, ଯାନ୍ତ୍ରିକ ନିର୍ଭରଶୀଳତା ବଦଳରେ ସ୍ଥାନୋପଯୋଗୀ ସ୍ଥାପତ୍ୟ ମାଧ୍ୟମରେ ଘର ଶୀତଳ ରହୁଥିଲା ।ସାମାଜିକ ଜୀବନ ପରିବେଶ ସମ୍ବେଦନଶୀଳତାକୁ ପ୍ରତିଫଳିତ କରୁଥିଲା । ଗ୍ରାମଗୁଡ଼ିକରେ ଲୋକମାନେ ସନ୍ଧ୍ୟା ସମୟରେ ବା ଅପରାହ୍ନରେ ବଡ଼ ଗଛ ତଳେ ଏକାଠି ହେଉଥିଲେ । ବର ଏବଂ ଅଶ୍ୱତ୍ଥ ଗଛ ପ୍ରାୟତଃ ସଂପ୍ରଦାୟର କେନ୍ଦ୍ରସ୍ଥଳ ହୋଇଯାଉଥିଲା । କାରଣ ସେଠାରେ ତାପମାତ୍ରା ଯଥେଷ୍ଟ ଥଣ୍ଡା ରହୁଥିଲା । ସାର୍ବଜନୀନ ସ୍ଥାନଗୁଡ଼ିକ ପ୍ରାକୃତିକ ଭାବରେ ଛାୟାଯୁକ୍ତ ଏବଂ ବାୟୁଚଳନ ଉପଯୋଗୀ ଥିଲା । ଲୋକେ ଖରାଦିନେ ଖୋଲାରେ ଅଗଣା କିମ୍ବା ଛାତରେ ଶୋଉଥିଲେ । ସେଠାରେ ବାୟୁର ଆତଯାତ ବନ୍ଦ କୋଠରି ଅପେକ୍ଷା ଭଲ ଥିଲା । ଶିଶୁମାନେ ଉତ୍ତପ୍ତ କୋଠରି ଭିତରେ ନରହି ବାହାରେ ଗଛତଳେ ଖେଳୁଥିଲେ ।ଏସବୁ କହିବାର ଅର୍ଥ ନୁହେଁ ଯେ ପୁରାତନ ଭାରତ ସଂପୂର୍ଣ୍ଣ କିମ୍ବା କଷ୍ଟମୁକ୍ତ ଥିଲା । ପାରମ୍ପରିକ ସମାଜଗୁଡ଼ିକ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ, ଯେଉଁଥିରେ ପରିମଳ, ଚିକିତ୍ସା ଏବଂ ଆର୍ଥିକ ଅସମାନତା ଇତ୍ୟାଦି ଅନ୍ତର୍ଭୁକ୍ତ । କିନ୍ତୁ ଜଳବାୟୁ-ପ୍ରତିକ୍ରିୟାଶୀଳ ଜୀବନଶୈଳୀ ଦୃଷ୍ଟିରୁ ଦୈନନ୍ଦିନ ଜୀବନ ପରିବେଶ ଦିଗରୁ ଅସହ୍ୟ ନଥିଲା ।ଆଧୁନିକ ସ୍ଥାପତ୍ୟ ଏବଂ ସହରାଞ୍ଚଳ ଯୋଜନା ଏବେବି ସେହି ନୀତିଗୁଡ଼ିକରୁ ବହୁତ ଶିଖିପାରିବ । ଆଜି ସାରାବିଶ୍ୱ, ସ୍ଥାୟୀ ସ୍ଥାପତ୍ୟଯୁକ୍ତ ପାରମ୍ପରିକ ଭାରତୀୟ ଘରଗୁଡ଼ିକ ସହ ମିଶ୍ରିତ ଥିବା ଧାରଣାଗୁଡ଼ିକୁ ବହୁ ଗୁରୁତ୍ୱ ଦେଉଛି । ତାହା ହେଉଛି ପ୍ରାକୃତିକ ବାୟୁଚଳନ, ତାପଜ ନିରୋଧକ ତଥା ସ୍ଥାନୀୟ ସାମଗ୍ରୀର ଉପଯୋଗ, ବର୍ଷାଜଳ ଅମଳ, ଛାଇଯୁକ୍ତ ସ୍ଥାନ, ଶୀତଳୀକରଣ ପ୍ରଣାଳୀ ଏବଂ ପରିବେଶସମ୍ପନ୍ନ ଭୂଭାଗ । ସମସାମୟିକ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରୁଛନ୍ତି ଯେ, ପାରମ୍ପରିକ ନିର୍ମାଣ ପଦ୍ଧତିଗୁଡ଼ିକ ପ୍ରାୟତଃ ସ୍ଥାନୀୟ ଜଳବାୟୁ ପରିସ୍ଥିତିରେ ଉଲ୍ଲେଖନୀୟ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି ।ଆଜି ଜଳବାୟୁ ପରିବର୍ତ୍ତନ ମାନବର ପୁରୁଣା ଜ୍ଞାନର ପୁନର୍ବିଚାର କରିବାକୁ ବାଧ୍ୟ କରୁଛି । ଯେତେବେଳେ ସାରା ଭାରତରେ ତାପମାତ୍ରା ବୃଦ୍ଧି ପାଉଛି, ବିଶେଷକରି ଭାରତର କିଛି ଅଂଶରେ, ସହରଗୁଡ଼ିକ ପ୍ରମୁଖ ପରିବେଶଗତ ଅନୁକୂଳନ ବିନା ଆଉ ବାସଯୋଗ୍ୟ ରହିପାରିବ ନାହିଁ । କେବଳ ଏୟାର କଣ୍ଡିସନିଂ ପରିବେଶଗତ ବିନାଶ ଏବଂ ଅସମ୍ଭବ ସହରୀକରଣ ଦ୍ୱାରା ସୃଷ୍ଟି ହୋଇଥିବା ସଙ୍କଟର ସମାଧାନ କରିପାରିବନାହିଁ ।ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ପାରମ୍ପରିକ ପରିବେଶଗତ ଜ୍ଞାନ ମିଶ୍ରିତ ହେବା ଦରକାର । ବିସ୍ତୃତ ସବୁଜ ବୃକ୍ଷ ଆବରଣ, ପୁନଃସ୍ଥାପିତ ପୁଷ୍କରିଣୀ, ଜଳବାୟୁ-ସମ୍ବେଦନଶୀଳ ସ୍ଥାପତ୍ୟ, ଛାୟାଯୁକ୍ତ ପଦଯାତ୍ରା ପଥ, ଛାୟାଯୁକ୍ତ ଛାତ ଉଦ୍ୟାନ, ବର୍ଷାଜଳ ଅମଳ ଏବଂ ପ୍ରାକୃତିକ ବାୟୁଚଳନ ପ୍ରଣାଳୀ ସହିତ ଭବିଷ୍ୟତର ସହରଗୁଡ଼ିକୁ କଳ୍ପନା କରାଯାଇପାରେ । ଏକ ଉଷ୍ମ ବିଶ୍ୱରେ ବଞ୍ଚିବା ପାଇଁ ପାରମ୍ପରିକ ଜ୍ଞାନକୌଶଳ ବ୍ୟବହାର କରିବା ଆବଶ୍ୟକ ।ପୂର୍ବପିଢ଼ି ବୁଝିଥିଲେ ଯେ ମାନବର ଅବସ୍ଥିତି ପ୍ରକୃତି ସହ ସମନ୍ୱୟ ଉପରେ ନିର୍ଭର କରେ, ଏହା ଉପରେ ପ୍ରାଧାନ୍ୟ ବିସ୍ତାର କରି ନୁହେଁ । ସେମାନେ ଋତୁ ଅନୁଯାୟୀ ଜୀବନଶୈଳୀକୁ ଅନୁକୂଳିତ କରିଥିଲେ । ପ୍ରତ୍ୟେକ ଉଷ୍ମ ଲହରୀ ଆମକୁ ଏକ ମୌଳିକ ସତ୍ୟ ମନେପକାଇ ଦେଉଛି: ପ୍ରକୃତି ଶେଷରେ ସମାଜର କାର୍ଯ୍ୟ ସୀମା ସ୍ଥିର କରେ ।ଭାରତ ଏବେ ଦୁଇଟି ମଡେଲ ମଧ୍ୟରେ ଠିଆ ହୋଇଛି । ଗୋଟିଏ ମଡେଲ ଅନିୟନ୍ତ୍ରିତ କଂକ୍ରିଟ୍ ପ୍ରସାରଣ, ପରିବେଶଗତ ବିନାଶ, ତାପମାତ୍ରା ବୃଦ୍ଧି ଏବଂ କୃତ୍ରିମ ଶୀତଳତା ଉପରେ ବର୍ଦ୍ଧିତ ନିର୍ଭରଶୀଳତା । ଅନ୍ୟ ମଡେଲ ହେଉଛି ଆଧୁନିକ ନବସୃଜନ ପାରମ୍ପରିକ ଜ୍ଞାନ ମଧ୍ୟ ଗ୍ରହଣ କରିଛି । ଆଧୁନିକ ସହରର କୋଳାହଳ ତଳେ କେଉଁଠି ନା କେଉଁଠି ଏକ ପୁରୁଣା ଭାରତୀୟ ଧାରଣା ରହିଛି- ଏକ ଶୀତଳ ଘର, ଏକ ଛାୟାଯୁକ୍ତ ପଥ, ଏକ ଜୀବନ୍ତ ପୋଖରୀ, ଏକ ଖୋଲା ଅଗଣା, ଏକ ମାଟିପାତ୍ରରେ ପାଣି ଏବଂ ପ୍ରକୃତି ପ୍ରତି ସମ୍ମାନ । ଏସବୁ ମିଳି ଏକ ଆରାମଦାୟକ ଘର ସୃଷ୍ଟି କରୁଛି । ଆଉ ବଞ୍ଚିରହିବା ପାଇଁ ଏକ ଉତ୍ତମ ବିଶ୍ୱ ତିଆରି ହେଉଛି ।

# ବରିଷ୍ଠଙ୍କ ନିର୍ଯାତନା ଓ ନିରାକରଣ

ବରିଷ୍ଠଙ୍କୁ ନିର୍ଯାତନା ଗୋଟିଏ ଗଭୀର ସାମାଜିକ ସମସ୍ୟା। ସାଧାରଣତଃ ବରିଷ୍ଠମାନେ ଯେଉଁ ସନ୍ତାନ ସନ୍ତତିଙ୍କ ଉପରେ ନିର୍ଭର କରିଥାନ୍ତି, ପ୍ରାୟ ସେମାନଙ୍କ ଦ୍ୱାରା ଉପେକ୍ଷିତ ଏବଂ ନିର୍ଯାତିତ ହୋଇଥାନ୍ତି। ମହାତ୍ମା ଗାନ୍ଧୀଙ୍କ ମତରେ 'ଗୋଟିଏ ସମାଜର ଚିହ୍ନଟ ତା'ର ବୟସ୍କଙ୍କ ପ୍ରତି ବ୍ୟବହାରରୁ ହୋଇଥାଏ।' ତେବେ, ପ୍ରଶ୍ନ ହେଲା, ନିର୍ଯାତନା ବା ଦୁର୍ବ୍ୟବହାର ନିରାକରଣ ପାଇଁ ସଚେତନତା କିପରି ସୃଷ୍ଟି କରାଯାଇପାରେ ପ୍ରଥମତଃ ବରିଷ୍ଠ କିପରି ନିଜକୁ ସୁରକ୍ଷା ଦେବେ ତାହା ନିଜେ ଶିଖିବା ଦରକାର। ସେମାନେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ସମାଜର ପ୍ରତ୍ୟେକ ବର୍ଗଙ୍କ ସହ ଭାବ ଆଦାନପ୍ରଦାନ କରିବା ସହିତ ନିଜର ସ୍ଥିତିକୁ ବଜାୟ ରଖିବା ଦରକାର। ସେମାନେ ସଂଗଠନ ବା ଅନୁଷ୍ଠାନ ଗଢ଼ି ଏକତ୍ର ହେବା ସହିତ ତା' ମଧ୍ୟମରେ ସଂଗଠନର କଲ୍ୟାଣକାରୀ କାର୍ଯ୍ୟ କରିବା ଦରକାର। ଏହା ଯୁବପିଢ଼ିକୁ ଅନୁପ୍ରାଣିତ କରିବ। ବରିଷ୍ଠ ନାଗରିକମାନେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ ହେବା ଦରକାର। ଓଡ଼ିଶାରେ ଏଭଳି କେତେକ ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ସକାଶେ ଗୃହ, ଦୈନନ୍ଦିନ ସେବା କେନ୍ଦ୍ର, ବୃଦ୍ଧାବସ୍ଥା ସ୍ୱାସ୍ଥ୍ୟକେନ୍ଦ୍ର ଭ୍ରାମ୍ୟମାଣ ସେବା କେନ୍ଦ୍ର ଆଦିର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଉପଖଣ୍ଡରେ ସରକାର ଟ୍ରିବ୍ୟୁନାଲ ଗଢ଼ିଛନ୍ତି, ଯାହାର ଆଶ୍ରୟ ଅବହେଳିତ ବରିଷ୍ଠ ନାଗରିକମାନେ ନେଇ ପାରିବେ। ରାଜ୍ୟ ଓ ଜିଲ୍ଲାରୁ ନେଇ କ୍ଲବ ସ୍ତରରେ ସରକାରୀ ବିଭାଗ ବରିଷ୍ଠ ନାଗରିକମାନଙ୍କ ସମସ୍ୟାର ସମାଧାନ ଇତ୍ୟାଦି ପାଇଁ କାର୍ଯ୍ୟ କରୁଛନ୍ତି ।ଯୁବ ସମାଜ ବୁଝିବା ଦରକାର ଯେ ବୟସ୍କଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ, ସେମାନଙ୍କ ରକ୍ଷଣାବେକ୍ଷଣର ଦାୟିତ୍ୱ ନିର୍ବାହ ହେଉଛି ଗୋଟିଏ ସୁସ୍ଥ ସମାଜର ମୂଳଦୁଆ। ବରିଷ୍ଠମାନେ ଯେ କୁଟୁମ୍ବ ପାଇଁ ବୋଝ ନୁହନ୍ତି, ବରଂ ଆଶୀର୍ବାଦ ଏହା ସମସ୍ତେ ବୁଝିବା ଦରକାର। ବରିଷ୍ଠମାନେ ମଧ୍ୟ ଯୁଗର ପରିବର୍ତ୍ତନ ସଙ୍ଗେ ତାଳ ମିଳାଇ ଚାଲିବା ଦରକାର ଏବଂ ମୂଲ୍ୟବୋଧଗତ କେତେକ ପରିବର୍ତ୍ତନକୁ ଗ୍ରହଣ କରିବା ଉଚିତ। ସେମିତି ବରିଷ୍ଠ ନିର୍ଯାତନା ନିରାକରଣରେ ଜନ ମଙ୍ଗଳକାରୀ ରାଷ୍ଟ୍ର ହିସାବରେ ସରକାରଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ। ବରିଷ୍ଠ ନାଗରିକଙ୍କ ହିତାର୍ଥେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମର ରୂପାୟନରେ ବିଭାଗୀୟ କର୍ମଚାରୀମାନଙ୍କ ନିଷ୍ଠା ଏକାନ୍ତ ଆବଶ୍ୟକ। କେହି ଭୁଲିଯିବା ଉଚିତ ନୁହେଁ ଯେ ଦେଶର ସମୃଦ୍ଧି ପାଇଁ ଗୋଟିଏ ସୁସ୍ଥ ବରିଷ୍ଠ ସମାଜର ମଧ୍ୟ ଆବଶ୍ୟକତା ରହିଛି। କହିବା ବାହୁଲ୍ୟ ଯେ ବରିଷ୍ଠବିହୀନ କୁଟୁମ୍ବ ହେଉଛି ଗୋଟିଏ ରସହୀନ ଉପସ୍ଥିତି। ଅଜା ବା ଜେଜେ ନାତିର ସଂପର୍କ କିଭଳି ପରିବାରକୁ ମଧୁମୟ କରିଥାଏ, ତାହା କେବଳ ଅନୁଭବୀ ଜାଣନ୍ତି। ଯେଉଁମାନେ ଏହା ବୁଝନ୍ତି, ସେଠି ବରିଷ୍ଠମାନେ ସୁରକ୍ଷିତ ରହନ୍ତି ଓ ପୂରା ପରିବାର ପଲ୍ଲବିତ ହୁଏ।



# ଶିବ ଭକ୍ତ ମାର୍କଣ୍ଡେୟ

ଋଷି ମୃକୁଣ୍ଡ ସନ୍ତାନ ଲାଭ ଆଶାରେ ବ୍ରହ୍ମାଙ୍କୁ ତପସ୍ୟା କଲେ। ଋଷିଙ୍କର କଠୋର ତପସ୍ୟାରେ ବ୍ରହ୍ମା ସନ୍ତୁଷ୍ଟ ହୋଇ ପୁତ୍ର ଦାନ ପାଇଁ ସମ୍ମତ ହୋଇଥିଲେ। ସହସ୍ର ବିଧର୍ମୀ ପୁତ୍ର କିମ୍ବା ଗୋଟିଏ ଧାର୍ମିକ ପୁତ୍ର, ଯାହାର ଆୟୁଷ ୭ ବର୍ଷ। ଦୁଇଟି ମଧ୍ୟରୁ ଗୋଟିଏ ଗ୍ରହଣ କରିବା ପାଇଁ ବ୍ରହ୍ମା ଋଷିଙ୍କୁ କହିଲେ। ଋଷି ୭ ବର୍ଷ ଆୟୁଥିବା ଧାର୍ମିକ ପୁତ୍ରଲାଭ କରିବାର ଇଚ୍ଛା ପ୍ରକାଶ କରିଥିଲେ। ବ୍ରହ୍ମାଙ୍କର ଆଶୀର୍ବାଦରୁ ଋଷି ପୁତ୍ର ଲାଭ କଲେ। ଯାହାଙ୍କ ନାମ ମାର୍କଣ୍ଡେୟ। ସେ ହେଉଛନ୍ତି ପରମ ଶିବ ଭକ୍ତ।

ମୃକୁଣ୍ଡ ଋଷିଙ୍କ ଅନଶନ ବ୍ରତ

ଘୋର ତପସ୍ୟା କରି ମୃକୁଣ୍ଡ ଋଷି ପୁତ୍ର ଲାଭ କଲେ। ହେଲେ ପୁତ୍ରର ସ୍ୱଳ୍ପ ଆୟୁ ପାଇଁ ଚିନ୍ତାରେ ପଡ଼ିଲେ। ପରେ ମୃକୁଣ୍ଡ ଋଷି ଗୁଣବାନ ପୁତ୍ରର ଆୟୁଷ ବିଷୟ ଚିନ୍ତାକରି ବ୍ୟସ୍ତ ହୋଇଉଠିଲେ। ସେ ଦଣ୍ଡକାରଣ୍ୟରେ ଗୋଦାବରୀ ନଦୀ କୂଳରେ ପୁନର୍ବାର ତପସ୍ୟା ଆରମ୍ଭ କରିଥିଲେ। ତାଙ୍କ ତପସ୍ୟାରେ ବ୍ରହ୍ମା ସନ୍ତୁଷ୍ଟ ହୋଇଥିଲେ ମଧ୍ୟ ପୁତ୍ରର ଆୟୁବୃଦ୍ଧି ସମ୍ଭବ ନୁହେଁ ବୋଲି କହିଲେ। ବିଫଳ ମନୋରଥ ମୃକୁଣ୍ଡ ସଫଳତା ଆଶାରେ ବିଷ୍ଣୁଙ୍କର ଆରାଧାନା ଆରମ୍ଭ କରି ଏହା ସମ୍ଭବ ନୁହେଁ ବୋଲି ତାଙ୍କଠାରୁ ଜାଣି ପାରିଥିଲେ। ପୁତ୍ର ମୃତ୍ୟୁ ପୂର୍ବରୁ ନିଜର ମୃତ୍ୟୁ ଲାଭ ଆଶାରେ ମୃକୁଣ୍ଡ ଅନଶନ ବ୍ରତ ଆଚରଣ କଲେ। ଋଷି ପତ୍ନୀ ମଧ୍ୟ ପତିଙ୍କର ପଥ ଅନୁସରଣ କରିଥିଲେ। ପିତାମାତାଙ୍କର ଅବସ୍ଥା ଅବଲୋକନ କରି ପୁତ୍ର ବ୍ୟସ୍ତ ହୋଇପଡ଼ିଥିଲେ ଏବଂ ମାତାଙ୍କଠାରୁ ସେମାନଙ୍କର ଅନଶନର କାରଣ ଜାଣିବାକୁ ପାଇଲେ। ଘୋର ତପ ଆଚରଣ କରି ପୁତ୍ର ଅପମୃତ୍ୟୁକୁ ଦୂରେଇ ଦେବା ପାଇଁ ପିତାମାତଙ୍କ ସମ୍ମୁଖରେ ଦୃଢ଼ ପ୍ରତିଜ୍ଞା କଲେ। ପିତାମାତାଙ୍କଠାରୁ ବିଦାୟ ନେଇ ପୁତ୍ର ଯାଇ ପୁଲହ ଋଷିଙ୍କ ଆଶ୍ରମରେ ପହଞ୍ଚେ୍‌ଲ। ମୃକୁଣ୍ଡ ପୁତ୍ରଙ୍କର ପରିଚୟ ଲାଭକରି ପୁଲହ ତାଙ୍କଠାରୁ ସମସ୍ତ ବିଷୟ ଅବଗତ ହୋଇଥିଲେ। ଅପମୃତ୍ୟୁରୁ ରକ୍ଷା ପାଇବା ଏବଂ ଚିରଜୀବୀ ହେବା ପାଇଁ ଶଙ୍କରଙ୍କୁ ଆରାଧାନା କରିବା ପାଇଁ ଉପଦେଶ ଦେଇଥିଲେ।



ମାର୍କଣ୍ଡେୟଙ୍କ ଶିବଙ୍କୁ ଆରାଧନା

ପୁଲହ ଋଷିଙ୍କର ଉପଦେଶ ପାଇଁ ମୃକୁଣ୍ଡ ଋଷିଙ୍କ ପୁତ୍ର ମାର୍କଣ୍ଡେୟ କଣ୍ଣୁମୁନିଙ୍କ ଆଶ୍ରମକୁ ଯାତ୍ରା କରିଥିଲେ। କଣ୍ଣୁମୁନି ଜଣେ ପରମ ଶିବଭକ୍ତ ଥିଲେ। ସେ ସେତେବେଳେ ପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥାନ କରୁଥିଲେ। ବାଳକ ମାର୍କଣ୍ଡେୟ କଣ୍ଣୁମୁନିଙ୍କୁ ଆକୃଷ୍ଟ କରିପାରିଥିଲେ ନିଜର ବ୍ୟବହାର ଦ୍ୱାରା।

ମାର୍କଣ୍ଡେୟଙ୍କଠାରୁ କଣ୍ଣୁମୁନି ତାଙ୍କର ଆଗମନର କାରଣ ଜାଣିବାକୁ ପାଇଲେ। ମାର୍କଣ୍ଡେୟଙ୍କ ଆୟୁଷ ବୃଦ୍ଧି କରିବା ପାଇଁ କଣ୍ଣୁମୁନି ଶିବଲିଙ୍ଗ ଆରାଧନାର ଉପଦେଶ ପ୍ରଦାନ କରିଥିଲେ ଏବଂ ଏହାସହିତ ସମସ୍ତ ବିଧି ମଧ୍ୟ ବୁଝାଇଥିଲେ। ମୁନି, ମାର୍କଣ୍ଡେୟଙ୍କୁ ଓଁକାର ଯୁକ୍ତ ମୃତ୍ୟୁଞ୍ଜୟ ମନ୍ତ୍ର ପ୍ରଦାନ କରିଥିଲେ। ମାର୍କଣ୍ଡେୟ ଶ୍ରୀକ୍ଷେତ୍ରରେ ନିଜେ ଶିବଲିଙ୍ଗ ସ୍ଥାପନ କରି ଆରାଧନା ଆରମ୍ଭ କଲେ।

ମାର୍କଣ୍ଡେୟଙ୍କୁ ଚିରଞ୍ଜିବୀ କରି ମହାଦେବ ହେଲେ ମୃତ୍ୟୁଞ୍ଜୟ ମାଘମାସ କୃଷ୍ଣ ତୃତୀୟା ଭୌମବାସରେ ଯେଉଦିନ ମାର୍କଣ୍ଡେୟଙ୍କୁ ୭ ବର୍ଷ ପୂର୍ଣ୍ଣ ହେଲା ସେହିଦିନ ତାଙ୍କର ଆରାଧନା ଚାଲିଥିବା ସମୟରେ ମୃତ୍ୟୁଦେବ ଯମ ମାର୍କଣ୍ଡେୟଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ମୃତ୍ୟୁଦେବଙ୍କର ଆବିର୍ଭାବରେ ବାଳକ ମାର୍କଣ୍ଡେୟ ଭୟଭୀତ ହୋଇ ଶିବଲିଙ୍ଗଙ୍କୁ ଜାବୁଡ଼ି ଧରିଥିଲେ। ମହାଦେବ ଶିବଲିଙ୍ଗ ମଧ୍ୟରୁ ଆବିର୍ଭୂତ ହୋଇ ମାର୍କଣ୍ଡେୟଙ୍କୁ ମୃତ୍ୟୁ ମୁଖରୁ ରକ୍ଷାକରି ଚିରଞ୍ଜିବୀ ହେବାର ଆଶୀର୍ବାଦ ପ୍ରଦାନ କରିଥିଲେ।

ମାର୍କଣ୍ଡେୟ ଚିରଞ୍ଜିବୀ ହେବାର ସୌଭାଗ୍ୟ ଲାଭ କରିଥିଲେ ହେଲେ ମୃତ୍ୟୁଦେବତା ତାଙ୍କ କର୍ତ୍ତବ୍ୟ ପୂର୍ଣ୍ଣ କରିବାରେ ଅସଫଳ ହୋଇଥିଲେ। ମୃତ୍ୟୁଦେବତା ଶଙ୍କରଙ୍କର ଭକ୍ତଙ୍କ ପ୍ରତି ଅନୁଗ୍ରହକୁ ଶୁଦ୍ଧଚିତ୍ତରେ ଗ୍ରହଣ କରିଥିଲେ। ମାର୍କଣ୍ଡେୟ ଶିବକୃପାରୁ ମୃତ୍ୟୁକୁ ଜୟ କରି ଚିରଞ୍ଜିବୀ ହୋଇଥିବା ଦୃଷ୍ଟିରୁ ବ୍ରହ୍ମା ଶଙ୍କରଙ୍କର ନୂତନ ନାମ ମୃତ୍ୟୁଞ୍ଜୟ ପ୍ରଦାନ କରିଥିଲେ।

## ଆତ୍ମାକୁ ନାଶ କଲା ଭଳି ଶକ୍ତି ନାହିଁ

ବିଷ୍ଣୁ ଦାସ ଭଗବାନ ଶିବଶଙ୍କରଙ୍କ ପରମ ଭକ୍ତ। ସେ ଦାକ୍ଷିଣାତ୍ୟରେ ମଲ୍ଲବସ୍ତ ନାମକ ଏକ ଗ୍ରାମରେ କୁଟୀରଟିଏ ନିର୍ମାଣ କରି ରହୁଥାନ୍ତି। ଗ୍ରାମର ଲୋକମାନେ ତପସ୍ୱୀଙ୍କ ବିଚାର ବିମର୍ଷ କରି ପ୍ରତ୍ୟେକ ଶୁଭକର୍ମ କରନ୍ତି। ଗ୍ରାମବାସୀ ତପସ୍ୱୀଙ୍କୁ ଭୋଜନ ଦିଅନ୍ତି। ତପସ୍ୱୀ ଚିନ୍ତାକଲେ ଗ୍ରାମ ଲୋକମାନେ ମୋର ବହୁତ ସେବା କରୁଛନ୍ତି। ମୁଁ ଏମାନଙ୍କ ପାଇଁ କିଛି କରିବି। କ'ଣ ବା କରିବେ, ସମସ୍ତେ ତ ସ୍ୱାବଲମ୍ବୀ। ପରେ ଚିନ୍ତା କରି ଦେଖିଲେ ଶ୍ରାଦ୍ଧ କର୍ମମାନଙ୍କରେ ଖାଇବାକୁ ଗଲେ ଦେଖନ୍ତି ଯେଉ ବ୍ୟକ୍ତିର ଶ୍ରାଦ୍ଧ ତାକୁ ମନେ ପକାଇ ପରିବାରର ସମସ୍ତେ କାନ୍ଦୁଛନ୍ତି। ବିଷ୍ଣୁଦାସ ଚିନ୍ତା କଲେ ମୁଁ ଯଦି ସେ ମୃତ ବ୍ୟକ୍ତିଙ୍କୁ କିଛି କ୍ଷଣ ପାଇଁ ସେମାନଙ୍କ ପରିଜନ ଆଗରେ ଦେଖାଇପାରନ୍ତି, ତାହେଲେ ମୋ ପ୍ରତି ସେମାନଙ୍କର ଉପକାରର ଋଣ କିଛି ମାତ୍ରାରେ ପରିଶୋଧ ହୋଇପାରନ୍ତା। ଏହା ଚିନ୍ତା କରି ବିଷ୍ଣୁଦାସ ଭଗବାନ ଶିବଙ୍କୁ ଆରାଧନା କଲେ।

ଭଗବାନ ଶିବ ଦର୍ଶନ ଦେଇ କହିଲେ ବିଷ୍ଣୁ ଦାସ ମୁଁ ତୁମ ଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ। ତୁମେ କ'ଣ ଚାହଁ। ବିଷ୍ଣୁଦାସ କହିଲେ ପ୍ରଭୁ ମୁଁ କିଛି ମାଗିବାକୁ ଚାହୁଁଛି। ଶଙ୍କର କହିଲେ ତୁମର ଯାହା ଇଛା ମାଗ, ମୁଁ ଅଚିରେ ପୂରଣ କରିବି। ତପସ୍ୱୀ ଜଣକ କହିଲେ ଭଗବାନ ମୋର ମାତ୍ର ଗୋଟିଏ ଇଚ୍ଛା ଯେ ଗ୍ରାମର ଯେତେ ଲୋକ ଆଜି ପର୍ଯ୍ୟନ୍ତ ମରିଛନ୍ତି ସମସ୍ତଙ୍କୁ ତାଙ୍କ ପରିବାର ସମ୍ମୁଖରେ କିଛି କ୍ଷଣ ଦର୍ଶନ କରାଇବା ପାଇଁ। ଭଗବାନ ଶଙ୍କର ତଥାସ୍ତୁ କହି ଅନ୍ତର୍ଦ୍ଧ୍ୟାନ ହୋଇଗଲେ। କିଛି ସମୟ ପରେ ହଠାତ ବିଷ୍ଣୁଦାସଙ୍କ ଆଗରେ ଶହ ଶହ ଉଜ୍ଜ୍ୱଳ ଆଲୋକମାନ ପ୍ରକଟିତ ହେଲା। ଏହା ଦେଖି ତପସ୍ୱୀ ଭାବିଲେ ଭଗବାନ ଶିବ ବୋଧେ ମୋତେ ଠକି ଦେଲେ। ସେ ପୁଣି ଭଗବାନଙ୍କୁ ଡାକିଲେ। ପୁନଶ୍ଚ ଭଗବାନ ଦର୍ଶନ ଦେଇ କହିଲେ, ବିଷ୍ଣୁଦାସ ପୁଣି କ'ଣହେଲା। ବିଷ୍ଣୁଦାସ କହିଲେ ପ୍ରଭୁ ମୁଁ ଆପଣଙ୍କୁ ମାଗିଥିଲି ଯେ ମୃତ ବ୍ୟକ୍ତିମାନଙ୍କୁ ସେମାନଙ୍କ ପରିବାରକୁ ଜୀବନ୍ତ ରୂପେ ଦର୍ଶନ କରେଇ ଦେବା ପାଇଁ। ହେଲେ ମୃତ ବ୍ୟକ୍ତି ବଦଳରେ ଏ ଆଲୋକମାନ ! ଭଗବାନ ଶଙ୍କର କହିଲେ ବିଷ୍ଣୁଦାସ ତୁମେ ମହାନ ତପସ୍ୱୀ କିନ୍ତୁ ତୁମର ମନରେ ଥିବା ସାମାନ୍ୟ ଅହଂ ଭାବନା ଲାଗି ତୁମେ ତଥାସ୍ତୁ ମୂଲ୍ୟକୁ ଭୁଲ ବୁଝିଲ। ଏ ଯେଉ ଆଲୋକମାନ ତୁମ ଆଗରେ ଉଭାସିତ ତାହା ହେଉଛି ଆତ୍ମା। ଯାହା ଶରୀର ଭିତରେ ଥାଇ ମଣିଷର ସମସ୍ତ ଅଙ୍ଗକୁ ପରିଚାରିତ କରାଏ। ଆତ୍ମା ଶରୀର ଭିତରେ ଥିଲା ପର୍ଯ୍ୟନ୍ତ ତାହା ଜୀବ ବୋଲାଏ। ଆତ୍ମା ଶରୀର ଛାଡ଼ି ଚାଲିଗଲେ ତାହା ଶବରେ ଗଣାଯାଏ। ଆତ୍ମାକୁ ନାଶ କଲା ଭଳି ଶକ୍ତି କାହାର ନାହିଁ। ଆତ୍ମାର ରୂପ ଅରୂପ କିଛି ନଥାଏ। ତୁମର ମାଗିବା ଶୈଳୀରେ ମୁଁ ଆତ୍ମାକୁ ପ୍ରଦାନ କଲି। ଯାହା ମୋ ପାଖରେ ଥିଲା। କିନ୍ତୁ ଯେଉ ଆତ୍ମାମାନ ଯେଉ ଶରୀରରେ ଥିଲା ସେ ଶରୀରର ମୃତ୍ୟୁ ପରେ ତାକୁ ଆତ୍ମା ଛାଡ଼ି ଚାଲିଗଲା। ତାକୁ ଶବ କହି ତାର ଆତ୍ମୀୟମାନେ ଅଗ୍ନିରେ ଦହନ କରି ଦେଇଛନ୍ତି। ଯେପରି ଆତ୍ମା ବିନା ଶରୀର ନାହିଁ ଠିକ୍ ସେମିତି ଶରୀର ବିନା ଆତ୍ମା ନାହିଁ। ତୁମେ ପ୍ରଥମେ ସେ ହାଡ଼ ମାଂସର ଶରୀର ନେଇ ଆସ ମୁଁ ସେଥିରେ ଆତ୍ମା ସଂସ୍ଥାପନ କରି ତୁମ ଇଚ୍ଛା ପୂରଣ କରିବି।



## ବାସ୍ତୁ କ'ଣ କହେ

### ପତିପତ୍ନୀଙ୍କ ସମ୍ପର୍କ ସୁଦୃଢ଼ ପାଇଁ...

ବିଭିନ୍ନ ଚିନ୍ତା କାରଣରୁ ଯଦି ପତିପତ୍ନୀଙ୍କ ସଂପର୍କରେ ଫଟା ପଡୁଥାଏ, ତେବେ ଘରେ ଏପରି କିଛି ଫଟୋ ରଖନ୍ତୁ, ଯାହା ପତିପତ୍ନୀଙ୍କ ସଂପର୍କକୁ ମଧୁର କରିବ। ଶୟନ କକ୍ଷରେ ରାଧା-କୃଷ୍ଣଙ୍କର ଏକ ସୁନ୍ଦର ଫଟୋ ଲଗାନ୍ତୁ।

- ★ ହସୁଥିବା ଏକ ସୁନ୍ଦର ଦମ୍ପତିଙ୍କ ଫଟୋ ଲଗାନ୍ତୁ।
- ★ ଏହାବ୍ୟତୀତ ହିମାଳୟ, ଶଙ୍ଖ କିମ୍ବା ବାଛୁରୀ ଚିତ୍ର ମଧ୍ୟ ଲଗାଇ ପାରିବେ।
- ★ ଧ୍ୟାନ ରଖନ୍ତୁ ଉପରୋକ୍ତ ମଧ୍ୟରୁ ଯେକୌଣସି ଗୋଟିଏ ଫଟୋ ଲଗାଇ ପାରିବେ।
- ★ ଯଦି ଶୟନ କକ୍ଷ ଅଗ୍ନିକୋଣରେ ହୋଇଥାଏ, ତେବେ ପୂର୍ବ କାନ୍ଥରେ ଶାନ୍ତ ସମୁଦ୍ରର ଚିତ୍ର ଲଗାନ୍ତୁ।
- ★ ଶୟନ କକ୍ଷରେ ଭୁଲ୍ରେ ବି ପାଣି ସମ୍ବନ୍ଧୀୟ ଫଟୋ ଲଗାଇବେ ନାହିଁ।

## କଇଁଛ ପୂଜାରେ ଭୂମି ଦୋଷ ଦୂରକରେ

ଭୂମି ଦୋଷ ଥିଲେ ଆପଣଙ୍କର ବିଭିନ୍ନ କାର୍ଯ୍ୟ ଅସଫଳ ହେବା ସହିତ ଅଶାନ୍ତି ମଧ୍ୟରେ ରହିଥାନ୍ତି। ଏଭଳି ସମସ୍ୟାକୁ ଦୂର କରିବା ପାଇଁ ମାଟିର କଇଁଛ ପୂଜା କରନ୍ତୁ। ପୂଜା ପାଇଁ ଭୂମି ଉପରେ ଲାଲ୍ ବସ୍ତ୍ର ବିଛାନ୍ତୁ। କଇଁଛ ଉପରେ ଗଙ୍ଗାଜଳ ଛିଟା ମାରି ସିନ୍ଦୂର ତିଳକ ଲଗାନ୍ତୁ। କଇଁଛକୁ ଉକ୍ତ କପଡ଼ା ଉପରେ ପୂର୍ବଦିଗକୁ ମୁହଁ କରି ରଖନ୍ତୁ। ଏହାପରେ ଧୂପ-ଦୀପ-ଜଳ-ବସ୍ତ୍ର-ଫଳ ଅର୍ପଣ କରି କଇଁଛକୁ ପୂଜା କରନ୍ତୁ। ଚଣା ପ୍ରସାଦ ପ୍ରସ୍ତୁତ କରି ଏହାକୁ ବାଣ୍ଟନ୍ତୁ। ଓଁ ଆଧାର ପୁରୁଷାୟ ଜାଗ୍ରୟ-ଜାଗ୍ରୟ ତର୍ପୟାମି ସ୍ୱାହା। ଏହି ମନ୍ତ୍ରକୁ ୭ ମାଳା ଜପ କରନ୍ତୁ। ଏକ ମାଳା ପୂରଣ ହେବା ପରେ କଇଁଛ ଉପରେ ପାଣି ଛିଞ୍ଚନ୍ତୁ। ଏହିପରି ଭାବରେ ୭ ମାଳା ଜପ କରନ୍ତୁ। ସଂନ୍ଧ୍ୟା ସମୟରେ ତିନୋଟି ଗାତ କରନ୍ତୁ। ଯଦି ପାରୁଛନ୍ତି କଇଁଛକୁ ରଙ୍ଗବେରଙ୍ଗ ରଙ୍ଗରେ ସଜାଇଦିଅନ୍ତୁ। କଇଁଛକୁ ଉକ୍ତ ଗାତ ଭିତରେ ରଖି ମାଟି ଦେଇ ପୋତି ଦିଅନ୍ତୁ। ସମସ୍ତ ଭୂମି ଦୋଷ ଦୂର ହୋଇଯିବ।



## ପରମ୍ପରାରେ ରହିଛି ବୈଜ୍ଞାନିକ ରହସ୍ୟ

ହିନ୍ଦୁ ଧର୍ମରେ ବିଭିନ୍ନ ପ୍ରକାର ପରମ୍ପରା ଦେଇ ଗତି କରିବାକୁ ପଡ଼େ। ଏହି ପରମ୍ପରାଗୁଡ଼ିକ ଲୋକଦେଖାଣିଆ ନୁହଁ ଏହା ପଛରେ ଧାର୍ମିକ ଓ ବୈଜ୍ଞାନିକ କାରଣଗୁଡ଼ିକ ରହିଛି। ଆସନ୍ତୁ ଜାଣିବା କିଛି ପରମ୍ପରା ଓ ତା'ର ବୈଜ୍ଞାନିକ କାରଣ।

ମଥାରେ ତିଳକ ଲଗାଇବା: ହିନ୍ଦୁ ପରମ୍ପରା ଅନୁସାରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ପୂଜାପାଠରେ ମଥାରେ ତିଳକ ଲଗାଯାଏ। ମଥାରେ ତିଳକ ଲଗାଇବା ଦ୍ୱାରା ବହୁତ ଶୁଭ ହୋଇଥାଏ। ସିନ୍ଦୁର କିମ୍ବା କୁମ୍‌କୁମ୍ରେ ତିଳକ ପ୍ରସ୍ତୁତ ହୋଇଥାଏ। ବୈଜ୍ଞାନିକଙ୍କ ଅନୁସାରେ ଆଖିଦ୍ୱୟର ମଧ୍ୟ ଭାଗରୁ ନାକ ମଥାକୁ ଲାଗି ରହିଛି। ମଥାରେ ତିଳକ ଲଗାଇବା ସମୟରେ ନାକ ଉପରେ ଚାପ ପଡ଼େ। ଏହା ଅଧିକ ସକ୍ରିୟ ହୋଇଯାଏ। ଫଳରେ ସମ୍ପୂର୍ଣ୍ଣ ଶରୀରର ମାଂସପେଶୀକୁ ରକ୍ତସଂଚାର ଭଲ ଭାବରେ ହୋଇଥାଏ। ମଥାରେ ଶକ୍ତି ସଂଚାର ହୁଏ ଓ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ। ମହିଳାମାନେ ଲଗାଉଥିବା ସିନ୍ଦୁରରେ ହଳଦୀ, ଚୂନା ରହିଛି ଯାହା ରକ୍ତପ୍ରେସର ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

ହାତ ଯୋଡ଼ି ନମସ୍କାର ହେବା: କାହାକୁ ଭେଟିବା ସମୟରେ ଅଭିବାଦନ ଜଣାଇବା ପାଇଁ ହାତ ଯୋଡ଼ି ପ୍ରଣାମ କରିଥାଉ। ସମସ୍ତେ ଜାଣନ୍ତି ନମସ୍କାର ଦ୍ୱାରା ଜଣେ ଅନ୍ୟ ଜଣକୁ ସମ୍ମାନ ଦିଅନ୍ତି। ହେଲେ ଏହାର ମଧ୍ୟ ବୈଜ୍ଞାନିକ କାରଣ ରହିଛି। ଜଣେ ହାତଯୋଡ଼ି ନମସ୍କାର କରିବା ସମୟରେ ଦୁଇହାତର ଆଙ୍ଗୁଳିର ଶୀର୍ଷ ଭାଗ ପରମ୍ପରକୁ ସ୍ପର୍ଶ ଦ୍ୱାରା ହେଉଥିବା ଚାପ ଆକ୍ୟୁପ୍ରେସରର କାମ କରେ। ଏହା ପ୍ରତ୍ୟକ୍ଷ ଭାବରେ ଆଖି, କାନ ଓ ମସ୍ତିଷ୍କ ଉପରେ ପଡ଼େ। ବ୍ୟକ୍ତିକୁ ଏପରି ଅଭିବାଦନ କରିବା ଯୋଗୁଁ ତାଙ୍କୁ ମଧ୍ୟ ଅଧିକ ଦିନ ମନେ ରଖିପାରିବା।

ଚରଣ ସ୍ପର୍ଶ: ଈଶ୍ୱର ଅବା ଗୁରୁଜନମାନଙ୍କୁ ଆମେ ଚରଣ ସ୍ପର୍ଶ କରି ପ୍ରଣାମ କରୁଥାଉ। ଚରଣ ସ୍ପର୍ଶ କରିବା ଦ୍ୱାରା କେବଳ ଅଂଟା ଦରଜ କମିଯାଏ ତାହାନୁହେଁ ବରଂ ମସ୍ତିଷ୍କରେ ଶକ୍ତି ସଂଚାର ହୁଏ। ଅନ୍ୟ ଜଣକ ଚରଣ ସ୍ପର୍ଶ କରିବା ସମୟରେ ତାଙ୍କ ପାଦରୁ ଏକ ଶକ୍ତି ଆମ ହାତ ମାଧ୍ୟମ ଦେଇ ଶରୀରରେ ପହଂଚେ।

ଉପବାସ କରିବା: ହିନ୍ଦୁ ପରମ୍ପାରରେ ବ୍ରତ ରଖିବାର ମହତ୍ତ୍ୱ ରହଛି। କେତେକ ସମୟରେ ଲୋକ ବିଶେଷକରି ମହିଳାମାନେ ନିର୍ଜଳା ବ୍ରତ ରଖିଥାନ୍ତି। ଅଧିକ ନ ହେଲେ ସପ୍ତାହରେ ଗୋଟିଏ ଦିନ କିମ୍ବା ତିଥି ଅନୁସାରେ ଉପବାସ ରହିବା ସ୍ୱାସ୍ଥ ପକ୍ଷେ ହିତକର। ଆୟୁର୍ବେଦେ ବିଶେଷଜ୍ଞଙ୍କ ଅନୁସାରେ ଉପବାସ ଯୋଗୁଁ ପାଚନତନ୍ତ୍ର ସୁସ୍ଥ ରହେ। ଏହାଦ୍ୱାରା ପାଚନ କ୍ରିୟା ମଧ୍ୟ ଭଲ ହୋଇଥାଏ। ଏହି ସମୟରେ ଫଳ ଆହାର କରିବା ଯୋଗୁଁ ଶରୀରରେ ଥିବା ବିଭିନ୍ନ ବିଷାକ୍ତ ଦ୍ରବ୍ୟ ବାହାରକୁ ବାହାରି ଆସେ। ଉପବାସ କରିବା ଯୋଗୁଁ ହୃଦ୍ରୋଗ, ଡାଇବେଟିସ୍ ଓ କ୍ୟାନସର ପରି ରୋଗ ଦୂର ହୋଇଯାଏ।

ଭୂମିରେ ବସି ଭୋଜନ କରିବା: ଭାରତୀୟ ସଂସ୍କୃତିରେ ଭୂମିରେ ବସି ଭୋଜନ କରିବାକୁ ଉତମ ଆଚାରଣ ମନାଯାଇଥାଏ। ବୈଜ୍ଞାନିକ ଦୃଷ୍ଟିରୁ ଚଟାଣରେ ବସି ଖାଇବା ଦ୍ୱାରା ଆମେ ଯାହା ବି ଖାଇଥାଉ, ତାହା ସହଜରେ ହଜମ ହୋଇଯାଏ। ଏହା ସହ ଆମ ମନ ଓ ମସ୍ତିଷ୍କ ଶାନ୍ତ ହୋଇଥାଏ।

ଭୋଜନରେ ଖଟା ପରେ ମିଠା: ଭୋଜି ଭାତରେ ବିଭିନ୍ନ ଖାଦ୍ୟ ସହ ପ୍ରଥମେ ଖଟା ଦିଆଯାଏ ଓ ଶେଷରେ ମିଠା କିମ୍ବା କ୍ଷୀରୀ ଦିଆଯାଏ। ବୈଜ୍ଞାନିକ ଦୃଷ୍ଟିରୁ ପ୍ରଥମେ ଖଟ୍ଟା ଖାଇବା ଯୋଗୁଁ ଆମର ପାଚନ ତନ୍ତ୍ର ଠିକ୍ ଭାବରେ କାମ କରିବା ଆରମ୍ଭ କରେ। ଶେଷରେ ମିଠା ବ୍ୟଞ୍ଜନ ଖାଇବା ଯୋଗୁଁ ଶରୀରରେ ଅମ୍ଳର ତିବ୍ରତା କମ୍ ହୋଇଥାଏ। ଏହାସହିତ ଭୋଜନ ଶେଷରେ ମିଠା ଖାଇବା ହେତୁ ସନ୍ତୁଷ୍ଟ ଓ ପ୍ରସନ୍ନତା ମଧ୍ୟ ଲାଗିଥାଏ।

କାନ ଫୋଡ଼ାଇବା: ମହିଳାଙ୍କ ସହ କିଛି ଧାର୍ମିକ ପୁରୁଷମାନେ ମଧ୍ୟ କାନ ଫୋଡ଼ାଇଥାନ୍ତି। ବୈଜ୍ଞାନିକ ଦୃଷ୍ଟିରୁ କାନରୁ ମସ୍ତିଷ୍କକୁ ଏକ ସ୍ନାୟୁର ସଂଯୋଗ ରହିଛି। କାନ ଫୋଡ଼ିବା ଦ୍ୱାରା ଏହି ସ୍ନାୟୁରେ ରକ୍ତସଂଚାଳନ ତୀବ୍ର ହୋଇଥାଏ। ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ ଓ ମସ୍ତିଷ୍କ ଶାନ୍ତ ରହିଥାଏ। ଏହାର ସକରାତ୍ମକ ପ୍ରଭାବ ଆମ କଥା କହିବା ଶୈଳୀ ଉପରେ ମଧ୍ୟ ପଡ଼ିଥାଏ।

ମୁଣ୍ଡରେ ଚୁଟି ରଖିବା: ହିନ୍ଦୁ ଧର୍ମରେ କେତେକ ସନ୍ଥ ଓ ମୁନିଋଷିମାନେ ଲମ୍ବା ଚୁଟି ରଖିଥାନ୍ତି। ସାଧାରଣ ପୁରୁଷ ଓ ମହିଳା ମୁଣ୍ଡରେ ବଡ଼ ଚୁଟି ରଖନ୍ତି। ବୈଜ୍ଞାନିକ ଦୃଷ୍ଟିରୁ ମୁଣ୍ଡରେ ଚୁଟି ରଖିବା ଦ୍ୱାରା ମସ୍ତିଷ୍କ ଶାନ୍ତ ଓ ସ୍ଥିର ହୋଇଥାଏ। ଚିନ୍ତା ଓ ରାଗ ମଧ୍ୟ ଆସିନଥାଏ।

ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇବା: ଶୋଇବା ସମୟରେ ମନେ ରଖିବା ଉଚିତ୍ ଯେ ଦକ୍ଷିଣ ଦିଗକୁ ପାଦ ଦେଇ ଶୋଇବା ଅନୁଚିତ୍। ଦକ୍ଷିଣ ଦିଗକୁ ମୁଣ୍ଡ ଦେଇ ଶୋଇଲେ ବହୁତ ଭଲ। ବୈଜ୍ଞାନିକ ଦୃଷ୍ଟିରୁ ଯଦି ଆମେ ଉତର ଦିଗକୁ ମୁଣ୍ଡ କରି ଶୋଇବା ତେବେ ପୃଥିବୀର ଚୁମ୍ବକୀୟ ତରଙ୍ଗ ଆମ ମୁଣ୍ଡ ସିଧାରେ ରହିବ। ଶରୀରରେ ଥିବା ଲୌହ ତତ୍ୱ ମସ୍ତିଷ୍କକୁ ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ରକ୍ତଚାପ ସମସ୍ୟା ବଢ଼ିବା ସହିତ ବିଭିନ୍ନ ପ୍ରକାର ମାନସିକ ରୋଗ ମଧ୍ୟ ହୋଇଥାଏ।

## ଦେବତାଙ୍କୁ ପୂଜା ଅନୁଯାୟୀ ଫଳ



ହିନ୍ଦୁ ଧର୍ମରେ ୩୩ କୋଟି ଦେବାଦେବୀ। ତେବେ ଭିନ୍ନ ଭିନ୍ନ ଦେବାଦେବୀଙ୍କ ପୂଜାରେ ଥାଏ ଭିନ୍ନ ଭିନ୍ନ ଫଳ।

ମହାଦେବ: ବିପଦରୁ ଉଦ୍ଧାର, ଧନବୃଦ୍ଧି,ଜ୍ଞାନଲାଭ, ସର୍ବମଙ୍ଗଳ ସାଧନ ଲାଭ ଏବଂ ଯୋଗସିଦ୍ଧି ପ୍ରାପ୍ତ ହୁଏ।
ବିଷ୍ଣୁ: ବୈକୁଣ୍ଠ ଲାଭ ଓ ପରମାୟୁ ବୃଦ୍ଧି ହୁଏ।, ଯମ: ନର୍କରୁ ଉଦ୍ଧାର ଓ ଆୟୁ ବୃଦ୍ଧି ହୁଏ।, ଅଗ୍ନି: ନୀରୋଗ ଶରୀର ଲାଭ ଓ ତେଜ ବୃଦ୍ଧି ହୁଏ।
ସୂର୍ଯ୍ୟ: ନିରୋଗ ଶରୀର ଲାଭ।, ଗଣେଶ: ବୁଦ୍ଧି ଓ ଜ୍ଞାନ ଲାଭ।
ଦୁର୍ଗା: ଦୁର୍ଗତି ନାଶ ଓ ଭୟ ଦୂର ହୁଏ।, ପାର୍ବତୀ: ରାଜ ପ୍ରତିଷ୍ଠା ଓ ଶତ୍ରୁ ନାଶ ହୁଏ।
ଲକ୍ଷ୍ମୀ: ଅଷ୍ଟ ଐଶ୍ୱର୍ଯ୍ୟ ଲାଭ ହୁଏ।, ସରସ୍ୱତୀ: ବିଦ୍ୟା ଲାଭ ହୁଏ।, ବିଶ୍ୱକର୍ମା: ପ୍ରତିଷ୍ଠା ଲାଭ ଓ ବାଣିଜ୍ୟ ବୃଦ୍ଧି ହୁଏ।, କାର୍ତ୍ତିକେୟ: ପରାକ୍ରମ-ବଳ-ଶକ୍ତି ବୃଦ୍ଧି ହୁଏ।



# ଦେଖିବାକୁ ମିଳୁନି ଗଜପତିରେ ଗାଁ ଆଖଡ଼ା , କଳା ଓ କଳାକାରଙ୍କୁ ନାହିଁ ପ୍ରୋତ୍ସାହନ ଦୂରେଇଗଲେଣି ଯୁବପିଢ଼ି ହଜିଗଲାଣି ଏକାଧିକ ଲୋକକଳା



ପାରଳାଖେମୁଣ୍ଡି, ପ୍ରଭାତ କୁମାର ପାତ୍ର-: ଦିନ ଥିଲା କଳା, ସାହିତ୍ୟ ଓ ସଂସ୍କୃତିର ଅନ୍ତଡ଼ିଶାଳ ଭାବେ ପରିଚିତ ଗଜପତି ଜିଲ୍ଲାର ଲୋକକଳା ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲା ଗଣେଶ ଗୀତିନାଟ୍ୟ, ଦଣ୍ଡନାଚ, ଦେଶୀଆନୃତ୍ୟ, ଦାସକାଠିଆ, ପ୍ରହଲ୍ଲାଦ ନାଟକ, ଭୂତକେଳି, କୃଷ୍ଣଲୀଳା, ଭାରତଲୀଳା, ରାମଲୀଳା, ଢଣକୋଇଲା ଓ ପାଇକ ଆଖଡ଼ା ଭଳି ଅନେକ ଲୋକକଳା ଗଜପତି ଜିଲ୍ଲାର ଗ୍ରାମ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। କଳାକାରମାନେ ବିଭିନ୍ନ ମଞ୍ଚରେ ନିଜର ପ୍ରତିଭାର ନିଦର୍ଶନ ଦେଖାଇ ଜିଲ୍ଲା ପାଇଁ ଗୌରବ ଆଣୁଥିଲେ । ବିଶେଷକରି ଜିଲ୍ଲାର ପାଇକଆଖଡ଼ା କେବଳ ରାଜ୍ୟ ନୁହେଁ, ରାଜ୍ୟ ବାହାରେ ମଧ୍ୟ ସୁନାମ ଅର୍ଜନ କରିଥିଲା। ଆଉ ଲୋକନୃତ୍ୟ ଓ ଲୋକଗୀତ ଗ୍ରାମାଞ୍ଚଳରେ ପର୍ବପର୍ବାଣୀ, ଯାତ୍ରା ଓ ସାମାଜିକ ଉତ୍ସବର ପ୍ରମୁଖ ଆକର୍ଷଣ ଥିଲା । କିନ୍ତୁ ବର୍ତ୍ତମାନ ସମୟ ବଦଳିବା ସାଙ୍ଗକୁ ଜିଲ୍ଲାର ଅନେକ ଲୋକକଳା ଏବେ ବିଲୁପ୍ତିପଥରେ ପହଞ୍ଚିଛି। କାଁ ଭାଁ କିଛି କଳାକାର କଳାକୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। କଳା ଓ କଳାକାରଙ୍କ ପ୍ରତି ସରକାରୀ ପ୍ରୋତ୍ସାହନର ଅଭାବ ହେଉ ଅଥବା ଅନ୍ୟ କାରଣରୁ ଲୋକକଳା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ କମିବାରେ ଲାଗିଛି। ବର୍ତ୍ତମାନ କିଛି କଳାକାର ଜୀବିକା ନିର୍ବାହ ପାଇଁ ଅନ୍ୟ ପେସାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି।

ଗୋଟିଏ ସମୟରେ ଗ୍ରାମଗୁଡ଼ିକର ଆଖଡ଼ା ଗୁଡ଼ିକ ସାଂସ୍କୃତିକ ଚର୍ଚ୍ଚା ଓ କଳାସାଧନାର ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେଉଥିଲା। ସନ୍ଧ୍ୟା ହେଲେ ଯୁବକମାନେ ସେଠାରେ ଏକାଠି ହୋଇ ଗୀତ, ନୃତ୍ୟ, ବାଦ୍ୟ ଓ ଅଭିନୟର ଅଭ୍ୟାସ କରୁଥିଲେ । ଗାଁର ଆଖଡ଼ା ଲୋକକଳାର ପ୍ରଶିକ୍ଷଣକେନ୍ଦ୍ର ସହ ସାମାଜିକ ସମ୍ପର୍କ ସ୍ଥାପନର ମଧ୍ୟ ଏକ ପ୍ରମୁଖ ମାଧ୍ୟମ ଥିଲା। କିନ୍ତୁ ଆଜି ସେହି ଆଖଡ଼ାରେ ନିରବତା ରାଜୁତି କରୁଛି । କେଉଁଠି ଆଖଡ଼ା ଘର ଭାଙ୍ଗିଯାଇଛି ତ ଆଉ କେଉଁଠି ତାହା ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଛି। କଳାକାରମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି, ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ସହାୟତା, ଭତ୍ତା ଓ ନିୟମିତ ମଞ୍ଚ ସୁଯୋଗ ମିଳୁନି । ଫଳରେ ଅନେକ ପ୍ରତିଭାବାନ କଳାକାର ଆର୍ଥିକ ଅନଟନ ଯୋଗୁଁ ଅନ୍ୟ କାମରେ ନିୟୋଜିତ ହେଉଛନ୍ତି । ବରିଷ୍ଠ କଳାକାରମାନଙ୍କ ଜ୍ଞାନ, ଅଭିଜ୍ଞତା ଓ ପରମ୍ପରା ନୂତନ ପିଢ଼ି ପାଖରେ ପହଞ୍ଚିପାରୁନି। ସାଂସ୍କୃତିକ ପ୍ରେମୀ ଓ ବୁଦ୍ଧିଜୀବୀମାନଙ୍କ ମତରେ ଲୋକକଳାର ସଂରକ୍ଷଣ ପାଇଁ ଜିଲ୍ଲାସ୍ତରରେ ନିୟମିତ ଲୋକକଳା ମହୋତ୍ସବ ଆୟୋଜନ ସହ କଳାକାରମାନଙ୍କୁ ଆର୍ଥିକ ସହାୟତା, ବିଦ୍ୟାଳୟସ୍ତରରେ ଲୋକକଳା ଶିକ୍ଷାର ପ୍ରଚଳନ ଓ ପୁରୁଣା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର ନିହାତି ଆବଶ୍ୟକ ନଚେତ୍ ଆଗାମୀ ଦିନରେ ଅନେକ ଅମୂଲ୍ୟ ଲୋକକଳା ଇତିହାସର ପୃଷ୍ଠାରେ ହଜିଯିବ ଗବେଷକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଲୋକକଳା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରଖିବାର ଏକ ପ୍ରମୁଖ ଆଧାର । ତେଣୁ ଏହାର ସଂରକ୍ଷଣ ଓ ପ୍ରଚାରପ୍ରସାର ଦିଗରେ ସରକାରଙ୍କ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ସେହିଭଳି ଲୋକକଳା ଗୁରୁ ହରିକୃଷ୍ଣ ବିଶ୍ୱାଳ କହିଛନ୍ତି ଯେ, ଆଜିର ଯୁବପିଢ଼ି ଅଧିକ ରୋଜଗାର ଆଶାରେ ପାରମ୍ପରିକ କଳାଠାରୁ ଦୂରେଇ ଯାଉଛନ୍ତି।

# ଥୁଆମୂଳ ରାମପୁର ପଞ୍ଚାୟତରେ ଭିଜିଲାନ୍ସର ଅଚାନକ ଚଢ଼ଉ ମନରେଗା ଓ ବିକାଶ କାମରେ ଅନିୟମିତତା ଅଭିଯୋଗର ଖୋଳତାଡ଼

କଳାହାଣ୍ଡି (ଚିତ୍ତରଞ୍ଜନ ବିଷି): କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅଧୀନ ଥୁଆମୂଳ ରାମପୁର ଗ୍ରାମ ପଞ୍ଚାୟତରେ ଗୁରୁବାର ଭିଜିଲାନ୍ସ ବିଭାଗ ପକ୍ଷରୁ ହଠାତ୍ ଚଢ଼ଉ କରାଯାଇ ବ୍ୟାପକ ତଦନ୍ତ ଆରମ୍ଭ କରାଯାଇଛି। ପଞ୍ଚାୟତରେ ମନରେଗା ସମେତ ବିଭିନ୍ନ ଉନ୍ନୟନମୂଳକ କାମରେ ଅନିୟମିତତା ଓ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ଆଧାରରେ ଏହି ଯାଞ୍ଚ ଚାଲିଥିବା ସୂଚନା ମିଳିଛି। ତେବେ ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବିବୃତ୍ତି ଜାରି କରାଯାଇନାହିଁ।ସୂଚନା ଅନୁସାରେ, ସକାଳୁ ଭିଜିଲାନ୍ସର ଏକ ଟିମ୍ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧୀୟ ରେକର୍ଡର ଖୋଳତାଡ଼ ଆରମ୍ଭ କରିଥିଲେ। ବିଶେଷକରି ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ, ଶ୍ରମିକଙ୍କ ମଷ୍ଟର ରୋଲ୍, ମାପ ପୁସ୍ତିକା (ଗରବସ୍ଥଙ୍କକ୍ସରଙ୍କରଭଶ୍ୱ ଇକ୍ଟକ୍ଟଳ), ବିଲ୍-ଭାଉଚର, କାର୍ଯ୍ୟାଦେଶ ଓ ଅନ୍ୟାନ୍ୟ ସରକାରୀ ଦସ୍ତାବିଜକୁ ଯାଞ୍ଚ କରାଯାଇଥିଲା। ତଦନ୍ତ ସମୟରେ ସମ୍ପୃକ୍ତ ଅଧିକାରୀଙ୍କଠାରୁ ବିଭିନ୍ନ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି।ଭିଜିଲାନ୍ସର ଏହି ଅଚାନକ ଚଢ଼ଉ ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଚାପପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଅନ୍ୟ ସମ୍ପୃକ୍ତ କର୍ମଚାରୀମାନେ ଭିଜିଲାନ୍ସ ଟିମ୍‌କୁ ଆବଶ୍ୟକ ଦସ୍ତାବିଜ ଉପସ୍ଥାପନ କରିଥିଲେ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଏହି ତଦନ୍ତକୁ ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି।ଦୀର୍ଘଦିନ ଧରି ପଞ୍ଚାୟତରେ ମନରେଗା ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ସ୍ତରରେ ଅଭିଯୋଗ ଉଠୁଥିଲା। ସେହି ଅଭିଯୋଗର ଆଧାରରେ ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି। ତେବେ ତଦନ୍ତ ଚାଲିଥିବାରୁ କୌଣସି ଅନିୟମିତତା ପ୍ରମାଣିତ ହୋଇଛି ବୋଲି ଏବେ କହିବା ସମ୍ଭବ ନୁହେଁ।ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଶେଷ ହେବା ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ଯଦି ଯାଞ୍ଚରେ କୌଣସି ଆର୍ଥିକ ଅନିୟମିତତା କିମ୍ବା ସରକାରୀ ଅର୍ଥର ଅପବ୍ୟବହାର ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇପାରେ।ଏପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତର କାରଣ, ପରିସର କିମ୍ବା ପ୍ରାଥମିକ ରିପୋର୍ଟ ସମ୍ପର୍କରେ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇନାହିଁ। ତେଣୁ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏହି ମାମଲାର ପ୍ରକୃତ ଚିତ୍ର ସାମ୍ନାକୁ ଆସିବାକୁ ଅପେକ୍ଷା କରାଯାଉଛି।

# କଳାହାଣ୍ଡିରେ ଶିକ୍ଷକ ବଦଳିର ବନ୍ୟା: ଜିଲ୍ଲା ବାହାରକୁ ୩୦୮ ଆବେଦନ, ୧୪୮ 'ରୋଗିଣା' ଦର୍ଶାଇ ବଦଳିକୁ ନେଇ ବଢ଼ିଲା ପ୍ରଶ୍ନ

କଳାହାଣ୍ଡି, (ଚିତ୍ତରଞ୍ଜନ ବିଷି): କଳାହାଣ୍ଡି ଜିଲ୍ଲାରେ ଶିକ୍ଷକଙ୍କ ଜିଲ୍ଲା ବାହାରକୁ ବଦଳି ପ୍ରକ୍ରିୟାକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ଚଳିତ ବର୍ଷ ଜିଲ୍ଲାରୁ ମୋଟ ୩୦୮ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଭିନ୍ନ କାରଣ ଦର୍ଶାଇ ଅନ୍ୟ ଜିଲ୍ଲାକୁ ବଦଳି ପାଇଁ ଆବେଦନ କରିଥିବା ବେଳେ ସେଥିମଧ୍ୟରୁ ୧୪୮ ଜଣ 'ରୋଗିଣା' କାରଣ ଦର୍ଶାଇ ଆବେଦନ କରିଥିବା ତଥ୍ୟ ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏକପଟେ ଜିଲ୍ଲାରେ ଶିକ୍ଷକ ଅଭାବ ଦିନକୁ ଦିନ ବଢୁଥିବା ବେଳେ, ଅନ୍ୟପଟେ ବ୍ୟାପକ ବଦଳି ଆବେଦନ ଶିକ୍ଷା ବ୍ୟବସ୍ଥାକୁ ଚିନ୍ତାରେ ପକାଇଛି।ସୂଚନା ଅନୁସାରେ, ପ୍ରାଥମିକ ବିଦ୍ୟାଳୟରୁ ୨୦୪ ଜଣ ଶିକ୍ଷକ ଜିଲ୍ଲା ବାହାରକୁ ବଦଳି ପାଇଁ ଆବେଦନ କରିଛନ୍ତି। ସେଥିମଧ୍ୟରୁ ୧୨୬ ଜଣ ନିଜକୁ ରୋଗିଣା ବୋଲି ଦର୍ଶାଇଥିବା ବେଳେ, ଜଣେ ଭିନ୍ନକ୍ଷମ ଶିଶୁର ଅଭିଭାବକ, ୩ ଜଣ ନିଜେ ଭିନ୍ନକ୍ଷମ, ଜଣେ ପତ୍ନୀ ଭିନ୍ନକ୍ଷମ ଥିବା, ୧୦ ଜଣ ମ୍ୟୁଚୁଆଲ ବଦଳି, ୨ ଜଣ ପାଞ୍ଚ ବର୍ଷ ପୂରଣ, ୫ ଜଣ ଅସୁସ୍ଥ ଶିଶୁ, ୩୨ ଜଣ ପତ୍ନୀଙ୍କ ଅସୁସ୍ଥତା ଏବଂ ୨୩ ଜଣ ସ୍ୱାମୀ-ସ୍ତ୍ରୀ ଚାକିରି ଆଧାରରେ ବଦଳି ପାଇଁ ଆବେଦନ କରିଛନ୍ତି।ସେହିପରି ମାଧ୍ୟମିକ ବିଦ୍ୟାଳୟରୁ ୧୦୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ବଦଳି ଚାହିଁଥିବା ବେଳେ, ସେଥିରେ ୨୨ ଜଣ ରୋଗିଣା, ୪୭ ଜଣ ସାଧାରଣ ବଦଳି, ୧୪ ଜଣ ମ୍ୟୁଚୁଆଲ, ୩ ଜଣ ଭିନ୍ନକ୍ଷମ ଶିଶୁ, ୨ ଜଣ ଅସୁସ୍ଥ ଶିଶୁ, ଜଣେ ବିବାହ ବିଚ୍ଛେଦ, ଜଣେ ଅବସର ପୂର୍ବରୁ, ଜଣେ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟରତ ସ୍ୱାମୀଙ୍କ ଆଧାରରେ ଏବଂ ଅନ୍ୟାନ୍ୟ ବିଭାଗୀୟ କାରଣ ଦର୍ଶାଇ ଆବେଦନ କରିଛନ୍ତି।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏତେ ସଂଖ୍ୟକ ଶିକ୍ଷକ ପ୍ରକୃତରେ ରୋଗିଣା କି ନା ମେଡିକାଲ ସର୍ଟିଫିକେଟ୍ ଆଧାରରେ ବଦଳି ପାଇବା ପାଇଁ କୌଣସି ବ୍ୟବସ୍ଥିତ ପ୍ରକ୍ରିୟାର ଦୁରୁପଯୋଗ ହେଉଛି ଜିଲ୍ଲାରେ ଏହି ପ୍ରଶ୍ନ ଏବେ ଜୋରଦାର ଭାବେ ଉଠିଛି। ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ମେଡିକାଲ ବୋର୍ଡର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଉଛି।ପ୍ରତିବର୍ଷ ଏଭଳି ଶହଶହ ଶିକ୍ଷକ ଜିଲ୍ଲା ଛାଡ଼ି ଯାଉଥିବାରୁ ଗ୍ରାମାଞ୍ଚଳର ଅନେକ ବିଦ୍ୟାଳୟରେ ଶିକ୍ଷକ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ି ରହୁଛି। ନୂତନ ନିଯୁକ୍ତି ହେଲେ ମଧ୍ୟ ସେହି ଅନୁପାତରେ ଅଧିକ ଶିକ୍ଷକ ଜିଲ୍ଲା ଛାଡ଼ି ଯାଉଥିବାରୁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ବିଶେଷକରି ଦୁର୍ଗମ ଅଞ୍ଚଳର ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନେ ନିୟମିତ ପାଠପଢ଼ାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆସୁଛି।ଶିକ୍ଷା ବିଭାଗକୁ ନେଇ ଆଉ ଏକ ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। କେତେକ ମହଲରେ ଅଭିଯୋଗ ହେଉଛି ଯେ, ବଦଳି ପ୍ରକ୍ରିୟାରେ ଏକ ସଂଗଠିତ ରାକେଟ୍ ସକ୍ରିୟ ରହିଛି। ରାଜନୈତିକ ସୁପାରିଶ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଏବଂ ମେଡିକାଲ ବୋର୍ଡର ସହଯୋଗରେ ଅନେକେ ସହଜରେ ବଦଳି ହାସଲ କରୁଥିବା ବେଳେ, ଏହି ପ୍ରକ୍ରିୟାରେ ବ୍ୟାପକ ଅର୍ଥ କାରବାର ହେଉଥିବା ମଧ୍ୟ ଅଭିଯୋଗ ଉଠୁଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଉଛି।ଶିକ୍ଷାବିତ୍ ଓ ଅଭିଭାବକମାନଙ୍କ କହିବା କଥା, ରାଜ୍ୟସ୍ତରୀୟ ନିଯୁକ୍ତି ପଦ୍ଧତି ଯୋଗୁଁ ଏଭଳି ସମସ୍ୟା ବଢୁଛି। ଯଦି ଶିକ୍ଷକ ନିଯୁକ୍ତିକୁ ଜିଲ୍ଲା ଭିତ୍ତିକ କରାଯାଏ ଏବଂ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବଦଳି ଉପରେ କଡ଼ା କଟକଣା ଲଗାଯାଏ, ତେବେ ଏଭଳି ପରିସ୍ଥିତିକୁ ବହୁ ପରିମାଣରେ ରୋକାଯାଇପାରିବ।ବର୍ତ୍ତମାନ ପରିସ୍ଥିତିରେ କଳାହାଣ୍ଡି ଭଳି ଶିକ୍ଷାଗତ ଭାବେ ପଛୁଆ ଜିଲ୍ଲାରେ ଶିକ୍ଷକ ସଙ୍କଟ ଆହୁରି ଗଭୀର ହେବାର ଆଶଙ୍କା ଦେଖାଦେଇଛି। ତେଣୁ ସରକାର ମେଡିକାଲ ବୋର୍ଡ ଦ୍ୱାରା ପ୍ରଦାନ କରାଯାଉଥିବା ସର୍ଟିଫିକେଟର ସ୍ୱଚ୍ଛତା, ବଦଳି ପ୍ରକ୍ରିୟାର ନିରପେକ୍ଷତା ଏବଂ ଶିକ୍ଷକ ପଦ ପୂରଣ ଦିଗରେ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଅଭିଭାବକ, ଶିକ୍ଷାବିତ୍ ଓ ସାଧାରଣ ଲୋକ ଦାବି କରିଛନ୍ତି।

# ଅନଲାଇନ୍ ନିବେଶ ଠକେଇ :ଦୁଇ ଅଭିଯୁକ୍ତ ଗିରଫ



ସମ୍ବଲପୁର - ସମ୍ବଲପୁର ସାଇବର କ୍ରାଇମ ଓ ଆର୍ଥିକ ଅପରାଧ ଥାନା (CC & EO PS) ଏକ ବହୁଚର୍ଚ୍ଚିତ ଅନଲାଇନ୍ ନିବେଶ ଠକେଇ ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲାର ତ୍ରିଲୋଚନ ସେନାପତି (୫୪) ଓ ସୌମ୍ୟରଞ୍ଜନ ନାୟକ (୧୯)।ପୁଲିସ ସୂଚନା ଅନୁଯାୟୀ, ଲଙ୍ଗବାହାଲ ଅଞ୍ଚଳର ରୟଲେନ୍ କନ୍ଦୁଲାନାଙ୍କ ଅଭିଯୋଗ ଆଧାରରେ ଗତ ବର୍ଷ ଏହି ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନେ "ଖର ଉକ୍ଟକ୍ସଳ" ନାମକ ଏକ ମୋବାଇଲ୍ ଆପ୍ ମାଧ୍ୟମରେ ନିବେଶକଙ୍କୁ ପ୍ରତିମାସ ୨ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଲାଭ ମିଳିବ ବୋଲି ପ୍ରଲୋଭନ ଦେଇ ଟଙ୍କା ନିବେଶ କରାଉଥିଲେ। ସେମାନେ ଉକ୍ତ ସଂସ୍ଥା ଭାରତ ସରକାରଙ୍କ ଅନୁମୋଦିତ ଓ ଝରଇଓରେ ପଞ୍ଜୀକୃତ ବୋଲି ମିଥ୍ୟା ପ୍ରଚାର କରୁଥିଲେ।ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରାରମ୍ଭରେ ନିବେଶକଙ୍କ ବିଶ୍ୱାସ ଜିତିବା ପାଇଁ କିଛି ରିଟର୍ନ ପ୍ରଦାନ କରାଯାଉଥିଲା। ପରେ ଆପ୍ ପରିଚାଳକମାନେ ଯୋଗାଯୋଗ ବନ୍ଦ କରିଦେବାରୁ ଅନେକ ନିବେଶକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିଲେ।ଅନୁସନ୍ଧାନ ବେଳେ ତ୍ରିଲୋଚନ ସେନାପତି ଅଭିଯୋଗକାରିଣୀଙ୍କୁ ଏହି ଯୋଜନାରେ ଯୋଗଦେବାକୁ ପ୍ରେରିତ କରିଥିବା ଜଣାପଡ଼ିଥିଲା। ବ୍ୟାଙ୍କ ରେକର୍ଡ ଯାଞ୍ଚରେ ଅଭିଯୋଗକାରିଣୀ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୫ ମଧ୍ୟରେ ୯ଟି କାରବାର ମାଧ୍ୟମରେ ସୌମ୍ୟରଞ୍ଜନ ନାୟକଙ୍କ ଖାତାକୁ ମୋଟ ୪୫ ହଜାର ଟଙ୍କା ପଠାଇଥିବା ଜଣାପଡ଼ିଥିଲା।ଅଧିକ ତଦନ୍ତରେ ଦୁଇ ଅଭିଯୁକ୍ତ ପରସ୍ପର ସହଯୋଗରେ ଠକେଇ କାରବାର ପରିଚାଳନା କରୁଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଘଉଜଚ ପୋର୍ଟାଲ ଯାଞ୍ଚରେ ସୌମ୍ୟରଞ୍ଜନଙ୍କ ବ୍ୟାଙ୍କ ଖାତା ବିରୋଧରେ ଏକାଧିକ ସାଇବର ଠକେଇ ଅଭିଯୋଗ ଥିବା ମଧ୍ୟ ଜଣାପଡ଼ିଛି।ବିଶ୍ୱସନୀୟ ସୂଚନା ଓ ବୈଷୟିକ ପ୍ରମାଣ ଆଧାରରେ ଉଉ ୫ ରଙ୍ଗ ଥାନା ପୁଲିସ ରଘୁନାଥପୁର ପୁଲିସର ସହଯୋଗରେ ଜଗତସିଂହପୁରରେ ଚଢ଼ାଉ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ମୋବାଇଲ୍ ଫୋନ୍ ଜବତ କରାଯାଇଛି।ଗିରଫ ଅଭିଯୁକ୍ତମାନଙ୍କୁ ଗତ ୯ ଜୁନରେ ଅଦାଲତରେ ହାଜର କରାଯାଇଥିବାବେଳେ, ଏହି ଠକେଇ ଚକ୍ର ସହ ଜଡିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି, ଟଙ୍କା କାରବାରର ସମ୍ପୂର୍ଣ୍ଣ ଶୃଙ୍ଖଳା ଓ ଅନ୍ୟ ପୀଡ଼ିତଙ୍କ ଚିହ୍ନଟ ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

# ଗଞ୍ଜେଇ ଚାଲାଣ ବେଳେ ପୋଲିସ କୁ ଦେଖି ଚମ୍ପଟ ମାରିଲେ ଚାଲାଣକାରୀ

ମାଲକାନଗିରି, ୨୬/୦୬/୨୬(ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଆଜି ୨୧ କିଲୋ ଗଞ୍ଜେଇ ଜବତ ସମେତ ଏକ ପିକଅପ ଗାଡି ଜବତ କରିଛି। ଘଟଣା ସ୍ଥଳରୁ ପୋଲିସ କୁ ଦେଖି ଚମ୍ପଟ ମାରିଥିଲେ ଚାଲାଣକାରୀ। ମିଳିଥିବା ସୂଚନାନୁଯାୟୀ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ପିଲାକୁସୁମୀ ଅଞ୍ଚଳରେ ଆଜି ଦିନ ୧୧ଟା ସମୟରେ ଓରକେଲ ଏସଆଇ ଅଜିତ ସିଂ ବାରିହା ଙ୍କ ନେତୃତ୍ୱରେ ଏକ ଟିମ ଯାନବାହନ ଯାଞ୍ଚ ସମୟରେ ବାଲିମେଳା ଛକ ପଟୁ ଏକ ପିକ ଅପ ଗାଡି ଟି ଦ୍ରୁତ ଗତିରେ ଯାଉଥିବା ବେଳେ ପୋଲିସ କୁ ଦେଖି ଗାଡି ସେଠାରେ ରଖି ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଚାଲାଣକାରୀ ମାନଙ୍କୁ ଧରିବାକୁ ଉଦ୍ୟମ କରିଥିବା ବେଳେ ନିକଟସ୍ଥ ଜଙ୍ଗଲର ସୁଯୋଗ ନେଇ ଫେରାର ହୋଇଯାଇଥିଲେ ଚାଲାଣକାରୀ। ପରେ ପୋଲିସ ଟିମ ଯାଇ ଗାଡି ଯାଞ୍ଚ କରିବା ପରେ ଗାଡ଼ିରେ ଗୋଟିଏ ବସ୍ତାରେ ୨୧ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ କୁଡୁମୁଲୁଗୁମ୍ମା ତହସିଲଦାର କୃଷ୍ଣଚନ୍ଦ୍ର ଦାସ ପହଞ୍ଚିଥିଲେ। ତହସିଲଦାର ଶ୍ରୀ ଦାସ ଙ୍କ ଉପସ୍ଥିତି ରେ ଗଞ୍ଜେଇର ଓଜନ କରାଯାଇ ଓରକେଲ ଥାନା କୁ ଉକ୍ତ ଗଞ୍ଜେଇ ସମେତ ପିକ ଅପ ଗାଡିଟି ଜବତ କରି ନିଆଯାଇଥିଲା। ବର୍ତ୍ତମାନ ଗାଡି ର ମାଲିକ କିଏ ତାହା ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଥିବା ବେଳେ କେସ ନଂ ୧୮୬/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଦେ୍ୱଦତ୍ତ ମଲ୍ଲିକ କହିଛନ୍ତି।

# କେନ୍ଦ୍ର ଏବଂ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ମନ୍ତ୍ରୀଙ୍କର ଇସ୍ତଫା ଦାବି କଲେ କଂଗ୍ରେସ




ମାଲକାନଗିରି, ୨୬/୦୬/୨୬(ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଜିଲ୍ଲା କଂଗ୍ରେସ ଭବନ ଠାରେ ଆଜି ଜିଲ୍ଲା କଂଗ୍ରେସର ସଭାପତି ଜି.ଶ୍ରୀନିବାସ ରାଓଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀ ଜିଲ୍ଲା କଂଗ୍ରେସ ସଭାପତି, କେନ୍ଦ୍ର ଏବଂ ରାଜ୍ୟ କଂଗ୍ରେସର ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଥିବା କହିଛନ୍ତି । ଦେଶରେ ନିଟ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଘଟଣା, ପରୀକ୍ଷା ତାରିଖ ଘୁଞ୍ଚିବା, ପୁନର୍ବାର ପରୀକ୍ଷା ଦେବା ତତ୍ ସହିତ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ୧୬ଶହରୁ ଅଧିକ ତ୍ରୁଟି ଥିବା। ଛାତ୍ରଛାତ୍ରୀ ଜୀବନ ହାରିବା ଘଟଣାକୁ ମୁଦ୍ଦା କରିଛି କଂଗ୍ରେସ। ଦେଶର ଶିକ୍ଷା ବ୍ୟବସ୍ଥାକୁ ବିଜେପି ସରକାର କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରିଛ କଂଗ୍ରେସ। ଏପରିକି ବିଜେପି ସରକାରକୁ 'ଶୋଷନ ମେସିନ୍' ବୋଲି ବ୍ୟାଖ୍ୟା କରିଛି ଦଳ। ଏପରିକି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏବଂ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଇସ୍ତଫା ଦାବି କରିଛି କଂଗ୍ରେସ।ରାଜ୍ୟରେ ଲକ୍ଷ ଲକ୍ଷ ବହି ତ୍ରୁଟିପୂର୍ଣ୍ଣ ପ୍ରକାଶିତ ହୋଇଛି। ଏହାକୁ ତୁରନ୍ତ ସୁଧାରିବାକୁ ସରକାରଙ୍କ ଚେତାବନୀ ଦେଇଛି ଜିଲ୍ଲା କଂଗ୍ରେସ। ସେହିପରି କୋଟା ବେସିସ୍ ରେ ଅନ୍ୟ ଜିଲ୍ଲାରୁ ଆସି ଅବିଭକ୍ତ କୋରାପୁଟ, ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚାକିରି କରିବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏଠାରୁ ନିଜ ଜିଲ୍ଲାକୁ ଫେରି ଯିବାକୁ ମେଡିକାଲ ସମସ୍ୟା ଦେଖାଇ ବଦଳି ହେବା ପାଇଁ ୨୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଆବେଦନ କରିଛନ୍ତି। ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ପାଇଁ ଏଠାକାର ଗରିବ ନିରୀହ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ିବା କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ତାହା ଉପରେ ସରକାର ଦୃଷ୍ଟି ଆକର୍ଷଣ କରନ୍ତୁ ବୋଲି ଦାବି ହୋଇଛି। ଯଦି ସରକାର ଏଦିଗରେ ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଯୁବ, ଛାତ୍ର, ମହିଳା କଂଗ୍ରେସର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ୫୯ ଜାତୀୟ ରାଜପଥରେ ପିଆଜ ବୋଝେଇ ପିକଅପ୍ ଦୁର୍ଘଟଣା ୧୧ କେଭି ବିଦ୍ୟୁତ ଖୁଣ୍ଟ ଚୁରମାର, ଅଳ୍ପକେ ବଞ୍ଚିଲେ ଡ୍ରାଇଭର ଓ ୨ ସାଥୀ

ମୁରିବାହାଲ, ୨୬/୦୬./୨୬ ଭଗବାନ ମହାନ୍ତି: ବିଳମ୍ବିତ ରାତିରେ ବଙ୍ଗୋମୁଣ୍ଡାରୁ ଟିଟିଲାଗଡ଼ ସଂଯୋଗ କରୁଥିବା ୫୯ ନମ୍ବର ଜାତୀୟ ରାଜପଥରେ ଏକ ପିଆଜ ବୋଝେଇ ପିକଅପ୍ ଗାଡି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଓଲଟି ପଡିଛି।ଡ୍ରାଇଭର ପ୍ରତାପ ଖୁଟେ, (୨୦), କହିବା ଅନୁଯାୟୀ ରାଇପୁରରୁ କେସିଙ୍ଗାକୁ ପିଆଜ ବୋଝେଇ ପିକଅପ୍ ଗାଡି ନଂ ଉଏ ୦୪ ଛଟ ୦୬୭୨ ନେଇ ଆସିବା ସମୟରେ ପାଖାପାଖି ରାତି ୨ଟାରେ ତାଙ୍କୁ ନିଦ ଲାଗିଯାଇଥିଲା। ଫଳରେ ଗାଡିଟି ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇ ଖୁଣ୍ଟଟି ଚୁରମାର ହୋଇଯାଇଥିଲା ଏବଂ ଗାଡିଟି ଓଲଟି ପଡିଥିଲା।ବିଦ୍ୟୁତ ଖୁଣ୍ଟଟି ଭାଙ୍ଗି ଯାଇଥିଲେ ମଧ୍ୟ ୧୧ କେଭି ବିଦ୍ୟୁତ ତାର ଝୁଲି ରହିଥିଲା। ଡ୍ରାଇଭର ଓ ତାଙ୍କର ୨ ସାଥୀ କାଚ ଭାଙ୍ଗି ବାହାରକୁ ଆସିଥିଲେ। ନିଶ୍ଚିତ ମୃତ୍ୟୁ ମୁଖରୁ ସେମାନେ ବଞ୍ଚିଯାଇଛନ୍ତି। କାହାର ଜୀବନହାନି ହୋଇନାହିଁ।"ଅସାବଧାନତା ଯୋଗୁଁ ଧନ-ଜୀବନ ଅକାଳରେ ଚାଲିଯାଉଛି। ରାତି ସମୟରେ ଗାଡି ଚଳାଇବା ବେଳେ ସଚେତନ ରହିବା ନିହାତି ଜରୁରୀ। ପୂରା ନିଦ ନେଇ ଗାଡି ଚଳାଇବା ଉଚିତ", ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।ସୂଚନା ପାଇ ଟିଟିଲାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।



# ନିଶାମୁକ୍ତ ନୂଆପଡ଼ା ଗଠନ ପାଇଁ ଆଚରଣ ପରିବର୍ତ୍ତନ ହିଁ ସର୍ବଶ୍ରେଷ୍ଠ ପରିବର୍ତ୍ତନ: ଜିଲ୍ଲାପାଳ

ନୂଆପଡ଼ା, ତା. ୨୬/୦୬: ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ପାଳନ ଅବସରରେ ଆୟୋଜିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ଆଜି ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ନୂଆପଡ଼ା ପକ୍ଷରୁ ସଦଭାବନା ସଭାଗୃହଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ନିଶାର କୁପ୍ରଭାବ, ଅବୈଧ ନିଶା କାରବାର ରୋକିବା ଏବଂ ନିଶାମୁକ୍ତ ସମାଜ ଗଠନ ନେଇ ଆଲୋଚନା କରାଯାଇଥିଲା।ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ କହିଥିଲେ ଯେ, ଆଚରଣ ପରିବର୍ତ୍ତନ ହିଁ ସର୍ବଶ୍ରେଷ୍ଠ ପରିବର୍ତ୍ତନ। ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ପରିବର୍ତ୍ତନର ରାଜଦୂତ ଭାବେ କାର୍ଯ୍ୟ କରି ଏକ ନିଶାମୁକ୍ତ ନୂଆପଡ଼ା ଗଠନରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ।ସେ ଛାତ୍ରଛାତ୍ରୀଙ୍କୁ 'ଚିତ୍ରକର ଆଖି, କବି ହୃଦୟ ଏବଂ ବୈଜ୍ଞାନିକ ମନ' ଭଳି ମନୋଭାବ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ଉପସ୍ଥିତ ସମସ୍ତେ ନିଶା ବିରୋଧରେ ଏକ ସାମୂହିକ ଶପଥ ଗ୍ରହଣ କରି ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ।ସମ୍ବଳ ବ୍ୟକ୍ତି (ଜରସ୍ଥକ୍ଟଙ୍କକ୍ସମର ଚରକ୍ସସ୍ଥକ୍ଟଭ) ଭାବେ ବ୍ରହ୍ମାକୁମାରୀ ଅନୀତା ପଟେଲ, ଏଡିଏମଓ ଡା. ଉମାକାନ୍ତ ମେହେର ଏବଂ ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ପୁଷ୍ପରଞ୍ଜନ ସାହୁ ନିଶା ନିବାରଣ ଓ ଏହାର ସାମାଜିକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ।ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱଚ୍ଛ ଭାରତ ସଂଯୋଜକ ଅନିଲ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରେଖା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ସଂଗଠନକୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।କାର୍ଯ୍ୟକ୍ରମରେ ସିଡିଏମଓ ଡା. ଦ୍ୱାରିକାନାଥ ସତପଥୀ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଏପିଡି କ୍ଷମାନିଧି ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ।



ଆମର ପ୍ରୟାସ AAMAR PRAYAS
ଶନିବାର, ୨୭ ଜୁନ୍ -୨୦୨୬ ● ଭୁବନେଶ୍ୱର
Saturday, 27 June - 2026 ● Bhubaneswar


# ଧର୍ମଶାଳା ବିଧାୟକଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ



ଧର୍ମଶାଳା,,୨୬/୬: ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ହେବାକୁଥିବା ପ୍ରକଳ୍ପ ଗୁଡିକର ଧର୍ମଶାଳା ବିଧାୟକଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ କରାଯାଇଛି । ଗତ ୧୧ ତାରିଖ ଠାରୁ ଅଦ୍ୟାବଧି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ଆଜି କୁମାରୀ ପଂଚାୟତ ଆରଡି ରାସ୍ତା ଠାରୁ ଜାମୁବଣିଆ ପର୍ଯ୍ୟନ୍ତ ୨କୋଟି ୭୩ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ହେବାକୁଥିବା ରାସ୍ତାର ପ୍ରଶସ୍ତୀ କରଣ ଓ ନବୀକରଣ ପାଇଁ ଆଜି ଶିଳନ୍ୟାସ କରାଯାଇଛି । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଶିଳାନ୍ୟାଶ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଜେଶ୍ୱରୀ ଭୋଳ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ । ବିଧାୟକଙ୍କ ସହିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁଚିସ୍ମିତା ସାହୁ,ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର,ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଶେକ ରାଉତ, ବିଶ୍ୱଜିତ ପୃଷ୍ଟି, ଅମ୍ବାର ଅଧକ୍ଷ ଉପେନ୍ଦ୍ର କୁମାର କର, ଜାରକା ସରପଂଚ ସୁଦାମ ବେହେରା,ବିଜେପି ନେତା ତପନ ମାହୁନ୍ତ, ଆଲୋକ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ହଜାର ହଜାର ସଂଖ୍ୟାରେ ବିଜେପି ମହିଳା ଓ ପୁରୁଷ କର୍ମୀ ସେଠାରେ ଉପସ୍ଥିତ ରହି ବିଧାୟକ ଶ୍ରୀ ସାହୁଙ୍କୁ ଏକ ଖୋଲା ଜିପରେ ବସାଇ ବାଜା, ବାଣ ସହ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ ।

# ଉତ୍ତରାଖଣ୍ଡ ସୀମାନ୍ତ ଉତ୍ତରକାଶୀ ରେ 'ବିକସିତ ଭାଇବ୍ରାଣ୍ଟ ଭିଲେଜ' କାର୍ଯ୍ୟକ୍ରମରେ ସାମିଲ ହେଲେ ୧୩ ଓଡ଼ିଆ ପ୍ରତିନିଧି

ନୂଆପଡା -୨୬.୬.୨୬ ଉତ୍ତରାଖଣ୍ଡର ସମ୍ବେଦନଶୀଳ ଉତ୍ତରକାଶୀ ଜିଲ୍ଲାରେ ପ୍ରଥମ ଥର ପାଇଁ ସଫଳତାର ସହ ସମ୍ପନ୍ନ ହୋଇଯାଇଛି ସାତ ଦିନିଆ 'ବିକସିତ ଭାଇବ୍ରାଣ୍ଟ ଭିଲେଜ' କାର୍ଯ୍ୟକ୍ରମ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ 'ମାଇ ଭାରତ' ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର ଅଭିଯାନରେ ସାରା ଦେଶର ମେଧାବୀ ଯୁବକମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। 'ମାଇ ଭାରତ' ୱେବସାଇଟ୍ ରେ ଆୟୋଜିତ ଏକ ଜାତୀୟ ସ୍ତରର କୁଇଜ୍ ପ୍ରତିଯୋଗିତାର ରାଙ୍କ୍ ଭିତ୍ତିରେ ଏହି ଯୁବ ପ୍ରତିନିଧିମାନଙ୍କୁ ଚୟନ କରାଯାଇଥିଲା। ଚଳିତ ମାସ ୧୫ ଜୁନ ଠାରୁ ୨୨ ଜୁନ ପର୍ଯ୍ୟନ୍ତ ଏହି ସାତ ଦିନିଆ କ୍ୟାମ୍ପ ରେ ନୂଆପଡ଼ା ର କୌଶଳ ଚନ୍ଦ୍ରକାର ଙ୍କ ସହ ୧୩ ଜଣିଆ ଯୁବ ପ୍ରତିନିଧି ମଣ୍ଡଳ ସାମିଲ ହୋଇଥିଲେ।ଏହି ପ୍ରତିଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୧୩ ଜଣ ଯୁବ ପ୍ରତିନିଧି ଯୋଗ ଦେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଥିମଧ୍ୟରେ ନୂଆପଡ଼ା ଜିଲ୍ଲାର ଉଦୀୟମାନ ଯୁବକ କୌଶଳ ଚନ୍ଦ୍ରକାର ଙ୍କ ସମେତ ରାଜ୍ୟର




ବିଭିନ୍ନ ଜିଲ୍ଲାର ସାହସୀ ଯୁବକମାନେ ସାମିଲ ଥିଲେ।ପ୍ରତିଯୋଗୀମାନେ ପ୍ରଥମେ ଦେହରାଦୁନ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ ସେଠାରୁ ଦୁର୍ଗମ ଉତ୍ତରକାଶୀ ଅଭିମୁଖେ ଯାତ୍ରା କରିଥେ। ସୀମାନ୍ତ ଜିଲ୍ଲାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସେମାନଙ୍କୁ ପାରମ୍ପରିକ 'ପାହାଡ଼ି ଟୋପି' ଏବଂ 'ଗାମୁଛା' ପ୍ରଦାନ କରି ଭବ୍ୟ ସ୍ୱାଗତ କରାଯାଇଥିଲା, ଯାହା ସେମାନଙ୍କ ମନରେ ଏକ ଭିନ୍ନ ଉଦ୍ଦୀପନା ଭରି ଦେଇଥିଲା।ଏହି ସାତ ଦିନିଆ କାର୍ଯ୍ୟକ୍ରମରେ ଭିନ୍ନ ଭିନ୍ନ ରାଜ୍ୟ ର ଯୁବକମାନଙ୍କୁ ସୀମାନ୍ତ ଗ୍ରାମଗୁଡ଼ିକ ରେ ରହିବାର ସୁଯୋଗ ମିଳିଥିଲା ଯଥା ଓଡ଼ିଶାର ଯୁବକ ଦଳ ସୁଖି ଗ୍ରାମ , ଅରୁଣାଚଳ ପ୍ରଦେଶର ଯୁବକ ଦଳ ଝାଲା ଗ୍ରାମ ଓ ହିମାଚଳ ପ୍ରଦେଶ ର ଯୁବକ ଦଳ ବଗୋରୀ ଗ୍ରାମ ରେ ରହିଥିଲେ।ଯୁବ ପ୍ରତିନିଧିମାନେ ଏହି ସୀମାନ୍ତ ଅଞ୍ଚଳର ଗ୍ରାମ ଗୁଡ଼ିକ ବୁଲି ସ୍ଥାନୀୟ ଲୋକଙ୍କ ସରଳ ଜୀବନଶୈଳୀ, ସେମାନଙ୍କର ସମୃଦ୍ଧ ସଂସ୍କୃତି ଏବଂ ଦୈନନ୍ଦିନ ଜୀବନରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ।ଏହି ଯାତ୍ରା ସମୟରେ ଯୁବକମାନେ ପବିତ୍ର ଗଙ୍ଗୋତ୍ରୀ ଧାମ ଏବଂ ଐତିହାସିକ ଜାଦୁଙ୍ଗା ଗ୍ରାମ ପରିଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ଏହା ସହ ୨୦୨୫ ମସିହାରେ ଆସିଥିବା ଭୟାବହ ବନ୍ୟାର ପ୍ରଳୟଙ୍କରୀ ରୂପକୁ ନିକଟରୁ ଅନୁଭବ କରିଥିବା ଦୁଇ ଜଣ ବଞ୍ଚି ଯାଇଥିବା ସ୍ଥାନୀୟ ବ୍ୟକ୍ତିଙ୍କ ସହ ସେମାନେ ଆଲୋଚନା କରିଥିଲେ। ସେମାନଙ୍କ ମୁହଁରୁ ଶୁଣିଥିବା ସେହି ଦୁଃଖଦ ଓ ରୋମାଞ୍ଚକର ଅନୁଭବ ଯୁବ ପ୍ରତିନିଧିଙ୍କୁ ମର୍ମାହତ କରିଥିଲା।କେବଳ ଭ୍ରମଣ ନୁହେଁ, ବରଂ ସୀମାନ୍ତ ଗ୍ରାମଗୁଡ଼ିକ ର ବିକାଶ ପାଇଁ ଏହି ଯୁବ ଦଳ ନିଜର ସମଗ୍ର ଅନୁଭୂତି, ସମସ୍ୟା ଏବଂ ସେଗୁଡ଼ିକର ସମାଧାନର ସୂତ୍ର କୁ ନେଇ କେନ୍ଦ୍ର ସରକାର ଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟ ଆଗାମୀ ଦିନରେ 'ଭାଇବ୍ରାଣ୍ଟ ଭିଲେଜ୍' ଗୁଡ଼ିକର ରୂପରେଖ ବଦଳାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଉଲିକୁପାରେ ୨୫୦ ବସ୍ତା ସରକାରୀ ଚାଉଳ ପରିବହନ ଗଚ୍ଛିତକରଣ ଓ ପ୍ରଶାସନିକ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

କଳାହାଣ୍ଡି, (ଚିତ୍ତରଞ୍ଜନ ବିଷି): କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ ଅନ୍ତର୍ଗତ ଉଲିକୁପା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପ୍ରାୟ ୨୫୦ ବସ୍ତା ସରକାରୀ ବଣ୍ଟନ ଚାଉଳ ରହିଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଆରମ୍ଭ ହୋଇଛି । ସରକାରୀ ଯୋଜନା ପାଇଁ ଉଦ୍ଦିଷ୍ଟ ଚାଉଳ କିପରି ଏକ ବ୍ୟକ୍ତିଗତ ଘରେ ଗଚ୍ଛିତ ରହିଲା, ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି । ତେବେ ଏହି ଅଭିଯୋଗଗୁଡ଼ିକର ସରକାରୀ ତଦନ୍ତ କିମ୍ବା ନିଷ୍କର୍ଷ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଘଟଣା ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ ହେଉଛି । ଏହାକୁ ନେଇ ପ୍ରଶାସନର ଭୂମିକା ଉପରେ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିଛି ।ଅନ୍ୟପକ୍ଷରେ, ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି ଯେ ମହରମ ଛୁଟି କାରଣରୁ ଚାଉଳ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଲି କରାଯାଇପାରିନଥିଲା ଏବଂ ପରବର୍ତ୍ତୀ ସମୟରେ ବଣ୍ଟନ କରିବାର ଯୋଜନା ଥିଲା । ତେବେ ସରକାରୀ ଚାଉଳକୁ ବ୍ୟକ୍ତିଗତ ଘରେ ରଖିବା ପାଇଁ କୌଣସି ଲିଖିତ ଅନୁମତି ଥିଲା କି ନାହିଁ, ସେନେଇ ସରକାରୀ ସ୍ପଷ୍ଟୀକରଣ ମିଳିନାହିଁ ।ଘଟଣା ସହ ଜଡିତ ଓଡ଼ି୦୮ଡ଼ି୧୧୪୪ ନମ୍ବର ବିଶିଷ୍ଟ ଟ୍ରକ ଏବଂ ଚାଳକ ଜଗଦୀଶ କୁମାରଙ୍କ ନାମ ସ୍ଥାନୀୟ ମହଲରେ ଚର୍ଚ୍ଚାରେ ରହିଛି । ଚଉଝ ପୋର୍ଟାଲରେ ମଧ୍ୟ ଏହି ଗାଡ଼ି ସମ୍ବନ୍ଧୀୟ ପରିବହନ ରେକର୍ଡ ଥିବା ଦେଖାଯାଉଛି । ତେବେ କେବଳ ଗାଡ଼ି କିମ୍ବା ଡ୍ରାଇଭରଙ୍କ ନାମ ଥିବାମାତ୍ରରୁ ସେମାନଙ୍କ ଦାୟିତ୍ୱ କିମ୍ବା ଦୋଷ ପ୍ରମାଣିତ ହୁଏ ନାହିଁ । ସେଥିପାଇଁ ସମ୍ପୂର୍ଣ୍ଣ ତଦନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ଦାବି କରୁଛନ୍ତି ।ସ୍ଥାନୀୟ ବାସିନ୍ଦାଙ୍କ ମତରେ ଏହି ଘଟଣାରେ ଚାଉଳର ମୂଳ ଉତ୍ସ, ୱେ-ବିଲ୍, ପରିବହନ ପ୍ରକ୍ରିୟା, ଗଚ୍ଛିତକରଣ ଓ ବଣ୍ଟନ ସମ୍ପର୍କରେ ନିରପେକ୍ଷ ତଦନ୍ତ କରାଯିବା ଉଚିତ । ପ୍ରୟୋଜନ ପଡ଼ିଲେ ଜିଲ୍ଲା ପ୍ରଶାସନ, ଖାଦ୍ୟ ଯୋଗାଣ ବିଭାଗ, ସମ୍ପୃକ୍ତ ପରିବହନ ସଂସ୍ଥା ଓ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କ ଭୂମିକାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହେଉଛି ।ବର୍ତ୍ତମାନ ଜିଲ୍ଲାବାସୀଙ୍କ ନଜର ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି । ତଦନ୍ତରେ ଯଦି କୌଣସି ଅନିୟମିତତା କିମ୍ବା କଳାବଜାରୀ ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର ଧରିଛି । ସେହି ସହିତ, ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ମାଧ୍ୟମରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରୁଛନ୍ତି ।

# ସାପ କାମୁଡ଼ିବା ପରେ ଜୀଅନ୍ତା ସାପକୁ ଧରି ମେଡିକାଲ ପହଞ୍ଚିଲେ କୁରୁମପାଲିର ମହିଳା ମନିମା





ମାଲକାନଗିରି: ୨୬/୦୬/୨୬(ମାନସ୍ ରଞ୍ଜନ୍ ନେତାମ୍)ସାପ କାମୁଡ଼ିବା ପରେ ଭୟଭୀତ ନହୋଇ ଏକ ଅଭାବନୀୟ ତଥା ସାହସିକ ପଦକ୍ଷେପ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କୁରୁମପାଲି ଗ୍ରାମରେ। ସାପ କାମୁଡ଼ିବା ପରେ ଉକ୍ତ ଜୀଅନ୍ତା ସାପକୁ ଏକ ଡବାରେ ଭର୍ତ୍ତି କରି ଚିକିତ୍ସା ପାଇଁ ମେଡିକାଲରେ ପହଞ୍ଚିଛନ୍ତି ଜଣେ ମହିଳା।ମିଳିଥିବା ସୂଚନା ମୁତାବକ, କୁରୁମପାଲି ଗ୍ରାମର ମନିମା ନାୟକ ନାମକ ଜଣେ ମହିଳା ଗତ ସନ୍ଧ୍ୟାରେ ନିଜ ଘରେ ଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ତେବେ ମହିଳା ଜଣକ ବିଚଳିତ ନହୋଇ ଅତ୍ୟନ୍ତ ସାହସର ସହ ସେହି ବିଷାକ୍ତ ସାପକୁ ଧରି ଏକ ବିସ୍କୁଟ ଡବାରେ ଭର୍ତ୍ତି କରି ବନ୍ଦ କରିଦେଇଥିଲେ।ଡାକ୍ତରଙ୍କ ସୁବିଧା ପାଇଁ ସାଙ୍ଗରେ ଆଣିଲେ ସାପ:ମନିମା ନାୟକଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମେଡିକାଲ ଆସିବା ସମୟରେ ସେମାନେ ସେହି ଜୀଅନ୍ତା ସାପ ଥିବା ଡବାଟିକୁ ମଧ୍ୟ ସାଙ୍ଗରେ ଆଣିଥିଲେ। ସାପଟି କେଉଁ ପ୍ରଜାତିର ଏବଂ କେତେ ବିଷାକ୍ତ, ତାହା ଦେଖି ଡାକ୍ତର ସେହି ଅନୁଯାୟୀ ସଠିକ୍ ଔଷଧ ଓ ଚିକିତ୍ସା କରିପାରିବେ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି।ଏଭଳି ଏକ ବିରଳ ଓ ସାହସିକ ଦୃଶ୍ୟ ଦେଖି ମେଡିକାଲ ପରିସରରେ ଥିବା ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ବର୍ତ୍ତମାନ ମାଥିଲି ମେଡିକାଲରେ ମହିଳା ମନିମା ନାୟକଙ୍କ ଚିକିତ୍ସା ଜାରି ରହିଛି।

# ପୁରୀ ଜିଲ୍ଲାରେ ବ୍ୟାପକ ବେଆଇନ ବାଲି ଉତ୍ତୋଳନ ଓ ରାଜସ୍ୱ ହରିଲୁଟ୍ ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ମୁଖ୍ୟ ଶାସନ ସଚିବ ଓ ମନ୍ତ୍ରୀଙ୍କୁ ଚିଠି

ଗୋପ/ନିମାପଡା/ପୁର : ପୁରୀ ଜିଲ୍ଲାର ବିଭିନ୍ନ ପ୍ରମୁଖ ନଦୀପଠାରୁ ବେଆଇନ ବାଲି ମାଫିଆ ଏବଂ କିଛି ଅସାଧୁ ସରକାରୀ ବାବୁଙ୍କ ମଧୁଚନ୍ଦ୍ରିକାରୁ କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱ ହରିଲୁଟ୍ ହେଉଥିବା ନେଇ ଏକ ସାଙ୍ଘାତିକ ସତ୍ୟ ସାମ୍ନାକୁ ଆସିଛି । ପୁରୀ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରୁ ସଂଗୃହିତ ତଥ୍ୟ ରୁ ଏହି ବଡ଼ଧରଣର ପ୍ରଶାସନିକ ହେରଫେରର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାକୁ ନେଇ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ (ଲୁଲୁ) ଓଡ଼ିଶା ସରକାରଙ୍କ ଖଣି ବିଭାଗର ମନ୍ତ୍ରୀ,ପ୍ରମୁଖ ଶାସନ ସଚିବ, ଖଣି ନିର୍ଦ୍ଦେଶକ ଏବଂ ପୁରୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ।ସରକାରୀ ଦସ୍ତାବିଜ୍ ଅନୁଯାୟୀ, ଜିଲ୍ଲାର କେତେକ ବଡ଼ ବାଲି ସାଇରାତ ଉତ୍ସରୁ ଆଶ୍ଚର୍ଯ୍ୟଜନକ ଭାବେ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରୀ ରାଜସ୍ୱ ଆଦାୟ ସମ୍ପୂର୍ଣ୍ଣ ଶୂନ ଦର୍ଶାଯାଇଛି । ଦୟା ନଦୀ (ପିପିଲି/ଡେଲାଙ୍ଗ ଅଞ୍ଚଳର ବେଗୁନିଆପଡ଼ା ସାଇରାତ) ଖାଦାନରୁ ୨୦୨୩-୨୪ ରେ ୨୧,୨୫,୩୫୫ ଟଙ୍କା ଏବଂ ୨୦୨୫-୨୬ ରେ ୫,୧୯,୫୩୦ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ଏହାକୁ ସମ୍ପୂର୍ଣ୍ଣ 'ଫାଙ୍କା' ବା ଶୂନ ଦେଖାଯାଇଛି ।କାକଟପୁରର ବାଉରିଆକାନା ବାଲି ସାଇରାତରୁ ୨୦୨୩-୨୪ ରେ ୪୯,୫୯,୬୧୩ ଟଙ୍କା ଏବଂ ୨୦୨୫-୨୬ ରେ ୬୦,୭୩,୩୧୩ ଟଙ୍କା ରାଜସ୍ୱ ମିଳିଥିବା ବେଳେ ୨୦୨୪-୨୫ ବର୍ଷର ହିସାବ ସମ୍ପୂର୍ଣ୍ଣ ଗାୟବ ଅଛି । ଅଭିଯୋଗ ଅନୁଯାୟୀ, ୨୦୨୪-୨୫ ମସିହାରେ ଏହି ସମସ୍ତ ସ୍ଥାନରେ ଦିନରାତି ଭାରୀ ଯନ୍ତ୍ରପାତି ଲଗାଇ ବେଆଇନ ବାଲି ଉତ୍ତୋଳନ ଜାରି ରହିଥିଲା । ଯଦି ବାଲି ଉଠାଣ ହେଉଥିଲା, ତେବେ ସରକାରଙ୍କ ଖାତାକୁ ଟଙ୍କାଟିଏ ମଧ୍ୟ କାହିଁକି ଗଲାନାହିଁ ଏଥିରୁ ସ୍ପଷ୍ଟ ହେଉଛି ଯେ ବିନା ୱାଇ ଫର୍ମ ବା ଟ୍ରାଞ୍ଜିଟ୍ ପାସ୍ ରେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରାଯାଇ କଳାଧନ ସୃଷ୍ଟି କରାଯାଇଛି । ସମ୍ପୃକ୍ତ ଖଣି କାର୍ଯ୍ୟାଳୟ ପକ୍ଷରୁ କୌଣସି ପରିବେଶ ମଞ୍ଜୁରୀ ଇସି କିମ୍ବା କାର୍ଯ୍ୟ କରିବାର ସମ୍ମତି ପତ୍ର ସିଟିଓ ର ଲଗ୍‌ବୁକ୍ ଦିଆଯାଇପାରି ନାହିଁ । ସରକାରୀ ନିୟମ ଅନୁଯାୟୀ ନଦୀ ଶଯ୍ୟାରୁ ମାତ୍ର ୧ ମିଟର ଗଭୀରତାର ବାଲି ଉଠାଇବା କଥା । ମାତ୍ର ମାଫିଆମାନେ ଜେସିବି ଓ ପୋକ୍‌ଲେନ୍ ମେସିନ ସାହାଯ୍ୟରେ ୩ ରୁ ୫ ମିଟର ଗଭୀର ଗାତ କରି ବାଲି ଲୁଟ୍ କରୁଛନ୍ତି । ଫଳରେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେବା ସହ ଜଳସ୍ତର ହ୍ରାସ ପାଉଛି ଏବଂ ସ୍ଥାନୀୟ ଚାଷୀଙ୍କ ଉର୍ବର ଚାଷଜମି ନଷ୍ଟ ହେବାରେ ଲାଗିଛି । ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଆଇଥ୍ରିଏମ୍‌ଏସ ପୋର୍ଟାଲ ଏବଂ ଡ୍ରୋନ୍ ସର୍ଭେଲାନସ୍ ବ୍ୟବସ୍ଥା ମଧ୍ୟ ପୁରୀ ଜିଲ୍ଲାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି ।ଯୁବନେତା ପ୍ରଶାନ୍ତ ସ୍ୱାଇଁ ଚିଠି ମାଧ୍ୟମରେ ଦୃଢ଼ ଦାବି କରିଛନ୍ତି ଯେ, ଏହି 'ଜିରୋ ରାଜସ୍ୱ' ଦେଖାଇଥିବା ଅସାଧୁ ଲିଜ୍‌ଧାରୀ ଓ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଭିଜିଲାନ୍ସ ଓ ବୈଷୟିକ ତଦନ୍ତ କରାଯାଉ । ଏହା ସହିତ ନଦୀଗୁଡ଼ିକରୁ ସମସ୍ତ ଭାରୀ ମେସିନ ଜବତ କରାଯାଉ ଏବଂ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଘନ ମିଟର ପ୍ରତି ୩୪୦ ଟଙ୍କା (ଏମ୍ ଏସ ପି) ରେ ଚାଷୀ ଓ ସାଧାରଣ ଲୋକଙ୍କୁ ବାଲି ଯୋଗାଇ ଦିଆଯାଉ ।ଆସନ୍ତା ୧୫ ଦିନ ମଧ୍ୟରେ ଯଦି କାର୍ଯ୍ୟାନୁଷ୍ଠାନ ଏବଂ ସରକାରୀ ଅଡିଟ୍ ଆରମ୍ଭ ନହୁଏ, ତେବେ କୃଷକ ସମାଜ ଓ ସ୍ଥାନୀୟ ଜନସାଧାରଣଙ୍କୁ ଏକାଠି କରି ଜିଲ୍ଲାବ୍ୟାପୀ ଏକ ବଡ଼ଧରଣର ଗଣ-ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଅବ୍ୟବସ୍ଥା ଘେରରେ ଗଡ଼ଗଡ଼ବାହାଲ ପଞ୍ଚାୟତ

## ପାନୀୟ ଜଳ ସୁବିଧା ଅଭାବ, ହଇରାଣ ହେଉଛନ୍ତି ଲୋକେ



ମୁରିବାହାଲ, ୨୬/୦୬/ ୨୬ - ଭଗବାନ ମହାନ୍ତି: ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗଡ଼ଗଡ଼ବାହାଲ ଗ୍ରାମ ପଞ୍ଚାୟତରେ ମୌଳିକ ସୁବିଧାର ଅଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।୨୦୧୭ ମସିହାରେ ସ୍ଥାପିତ ଏହି ପଞ୍ଚାୟତ କାର୍ଯ୍ୟାଳୟରେ ପାନୀୟ ଜଳର ସୁବିଧା ନଥିବାରୁ ବିଭିନ୍ନ କାମରେ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପରିସରରେ ପାଣି ଟାଙ୍କି ରହିଥିଲେ ମଧ୍ୟ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ପାଣି ଯୋଗାଣ ନଥିବାରୁ ସେଥିରେ ତାଲା ଝୁଲୁଛି। ଫଳରେ ପଞ୍ଚାୟତକୁ ଆସୁଥିବା ଲୋକମାନେ ପିଇବା ପାଣି ଓ ଶୌଚାଳୟ ବ୍ୟବହାର କରିବାରେ ସମସ୍ୟା ଭୋଗୁଛନ୍ତି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପଞ୍ଚାୟତର ସରପଞ୍ଚ ଓ କର୍ମଚାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବାରୁ ଦିନକୁ ଦିନ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ପଞ୍ଚାୟତ ପରିସରରେ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରିବା ସହ ସଫାସୁତୁରା ପରିବେଶ ବଜାୟ ରଖିବାକୁ ସାଧାରଣ ଲୋକ ଦାବି କରିଛନ୍ତି ।ଏ ସମ୍ପର୍କରେ ସରପଞ୍ଚ କରିସ୍ମା ସୁନାଙ୍କୁ ପଚାରିବାରୁ ସେ ପାଣି ସମସ୍ୟା ସ୍ୱୀକାର କରିଥିଲେ। "ତିନି ଥର ୪୦୦ ଫୁଟ ବୋରୱେଲ୍ ଖୋଲିଥିଲେ ମଧ୍ୟ ସଫଳ ହୋଇନାହିଁ। ପାଣିର ସମସ୍ୟା ବିଷୟରେ ପିଡି ଓ ବିଡିଓଙ୍କୁ ଜଣାଇଛୁ", ବୋଲି ସେ କହିଥିଲେ।"ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଫାସୁତୁରା କରାଯିବ। ପାଣିର ବିକଳ୍ପ ବ୍ୟବସ୍ଥା କିପରି କରାଯାଇପାରିବ, ସେଥିପାଇଁ ଚେଷ୍ଟା କରାଯିବ", ବୋଲି ସରପଞ୍ଚ ପ୍ରକାଶ କରିଥିଲେ।

## ଏନ୍.ସି.ସି. ତାଲିମ୍ ଶିବିର ଉଦଯାପିତ

# ପ୍ରଶିକ୍ଷଣରେ ଭାଗ ନେଲେ ୬୦୦ କ୍ୟାଡେଟ

କେନ୍ଦୁଝର: ଦ୍ୱିତୀୟ ପର୍ଯ୍ୟାୟ ୧୦ ଦିନିଆ ଏନ୍.ସି.ସି. ପ୍ରଶିକ୍ଷଣ ଶିବିର ଗତ ବୁଧବାର ଦିନ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ କମାଣ୍ଡିଂ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ, ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ଯୋଗ ଦେଇ ଦେଶ ମାତୃକାର ସେବା କରିବା ପାଇଁ ଏନ୍.ସି.ସି. କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିଥିଲେ। ଜୁନ୍ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୬୦୦ କ୍ୟାଡେଟ ଯୋଗ ଦେଇ ଶାରୀରିକ ଶିକ୍ଷା, ଡ୍ରିଲ, ମ୍ୟାପ୍ ରିଡିଂ, ଜାତୀୟ ସଂହତି, ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ଦକ୍ଷତାବିକାଶ, ଫାୟାରିଂ, ସଡ଼କ ସୁରକ୍ଷା, ସାଇବର ଅପରାଧ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ୮ ଜଣ ଏଏନ୍‌ଓ, ୧୮ ଜଣ ପି.ଆଇ ଷ୍ଟାଫ୍ କ୍ୟାଡେଟ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ୟାଡେଟ ମାନଙ୍କ ମଧ୍ୟରେ ଭଲିବଲ୍, ଫୁଟବଲ୍, ଟଗ୍ ଅଫ୍ ୱାର, କୁଇଜ୍, ବେଷ୍ଟ କ୍ୟାଡେଟ୍, ଫ୍ଲାଗ ଏରିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତଦ୍ ସହିତ ଆଁ.ଡି.ସି., ଆଇ.ଡି.ଏସ୍.ଏସ୍.ସି., ଟି.ଏସ୍.ସି. କ୍ୟାଡେଟ ଏହି ଶିବିରରେ ଅଂଶ ଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ କ୍ୟାଡେଟ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କ୍ୟାଡେଟ ମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ ।

## କନ୍ଧମାଳରେ ମାଓବାଦୀଙ୍କ ଗୁପ୍ତ ଅସ୍ତ୍ର ଭଣ୍ଡାର ଠାବ

# ବନ୍ଧୁକ ସମେତ ବିପୁଳ ମାଓ ସାମଗ୍ରୀ ଜବତ

ବାଲିଗୁଡା , : କନ୍ଧମାଳ ପୋଲିସ ଏକ ବଡ଼ ସଫଳତା ହାସଲ କରିଛି । ବାଲିଗୁଡା ଥାନା ଅନ୍ତର୍ଗତ ଗଙ୍ଗାପଦର, କୋଡାମାହା, ପାଜିମାହା, ତେଙ୍ଗେରୀ ଓ ବାଲିମାହା ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଅପରେସନ ସମୟରେ ମାଓବାଦୀଙ୍କ ଏକ ଗୁପ୍ତ ଡମ୍ପ୍ ଠାବ କରାଯାଇ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ୯ଟି ଏସଓଜି ଟିମ୍ ଓ ଗୋଟିଏ ଡିଭିଏଫ୍ ଟିମ୍‌କୁ ନେଇ ଏହି ଅଭିଯାନ ଚଳାଯାଇଥିଲା । ଡମ୍ପ୍ ସ୍ଥଳ ଚିହ୍ନଟ ହେବା ପରେ ବମ୍ ନିଷ୍କ୍ରିୟକରଣ ସ୍କ୍ୱାଡ୍ ସମସ୍ତ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରି ସମ୍ପୂର୍ଣ୍ଣ ଅଞ୍ଚଳରେ ତଲାସି ଚଳାଇଥିଲେ । ପରେ ସେଠାରୁ ଗୋଟିଏ ଏସଏଲଆର ରାଇଫଲ, ଦୁଇଟି ଏସବିଜିଏଲ ଗନ୍, ଗୋଟିଏ ଦେଶୀ ନିର୍ମିତ ୟୁବିଜିଏଲ ଗନ୍, ୩୦ଟି ଇଲେକ୍ଟ୍ରିକ୍ ଡିଟୋନେଟର, ୧୦ଟି ଏସବିଜିଏଲ ଗ୍ରେନେଡ୍, ଏସଏଲଆର ମାଗାଜିନ୍ ଓ ଗୁଳି ସମେତ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ କରାଯାଇଥିଲା ।ଏଥିସହିତ ପୋଷାକ, ଚପଲ, ପ୍ଲାଷ୍ଟିକ୍ ଡ୍ରମ୍, ଔଷଧ କିଟ୍, ପାୱାର ବ୍ୟାଙ୍କ, ବ୍ୟାଟେରୀ, ଚା' ପ୍ୟାକେଟ୍, ଖାଦ୍ୟ ସାମଗ୍ରୀ ଓ ଦୈନନ୍ଦିନ ବ୍ୟବହାରର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଛି । ଜବତ ସମସ୍ତ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ମାଓବାଦୀଙ୍କର ବୋଲି ପୋଲିସ ସ୍ପଷ୍ଟ କରିଛି । କନ୍ଧମାଳ ଜିଲ୍ଲାକୁ ଗତ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ମାଓମୁକ୍ତ କରିବାର ଲକ୍ଷ୍ୟ ସଫଳ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି । ଜାନୁଆରୀ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସୁରକ୍ଷା ବାହିନୀ ସହ ଗୁଳିବିନିମୟରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ୧୦ ଜଣ ମାଓବାଦୀ ନିହତ ହୋଇଥିବାବେଳେ ରାଜ୍ୟ କମିଟି ସଦସ୍ୟ ସୁକ୍ରୁ ଓ ନିତୁଙ୍କ ସମେତ ୨୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ ।ଭବିଷ୍ୟତରେ ଯେପରି ମାଓବାଦୀ କାର୍ଯ୍ୟକଳାପ ପୁଣିଥରେ ମୁଣ୍ଡ ଟେକି ନପାରିବ, ସେଥିପାଇଁ ଏସଓଜି, ଡିଭିଏଫ୍, ସିଆରପିଏଫ୍ ଓ ବିଏସଏଫ୍ ପକ୍ଷରୁ ନିୟମିତ ଭାବେ ବ୍ଲକିଙ୍ଗ ଓ ସର୍ଚ୍ଚ ଅପରେସନ ଜାରି ରହିଥିବା କନ୍ଧମାଳ ଏସପି କହିଛନ୍ତି । ଆଜିର ଫୁଲବାଣୀ ଠାରେ ହୋଇ ଥିବା ସାମ୍ବାଦିକ ସମ୍ମିଳନୀ ରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ବାଲିଗୁଡା ଏସଡିପିଓ ଶୁଭମ ଭୋସଲେ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ବିଶ୍ୱବିଜେତା ବିଶ୍ୱନାଥନ ଆନନ୍ଦଙ୍କୁ ଏସ୍‌ଜେଏଫ୍‌ଆଇ ପଦକ



ଭୁବନେଶ୍ୱର: ପାଞ୍ଚ ଥର ବିଶ୍ୱବିଜେତା ବିଶ୍ୱନାଥନ ଆନନ୍ଦଙ୍କୁ ବୁଧବାର ଚେନ୍ନାଇର ମାଡ୍ରାସ୍ କ୍ରିକେଟ୍ କ୍ଲବ୍‌ରେ ଆୟୋଜିତ ଏକ ଆଡ଼ମ୍ବରପୂର୍ଣ୍ଣ ସମାରୋହରେ ସମ୍ମାନଜନକ ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସ୍‌ଜେଏଫ୍‌ଆଇ) ପଦକ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ତାମିଲନାଡ଼ୁ କ୍ରୀଡ଼ା ସାମ୍ବାଦିକ ସଂଘ (ଟିଏନ୍‌ଏସ୍‌ଜେଏ) ସହଯୋଗରେ ଆୟୋଜନ କରାଯାଇଥିଲା। ସଂପ୍ରତି ବିଶ୍ୱ ଚେସ୍ ମହାସଂଘ (ଫିଡେ) ଉପସଭାପତି ଭାବେ କାର୍ଯ୍ୟରତ ଆନନ୍ଦ ଏଥିସହିତ ପୂର୍ବରୁ ଏହି ପଦକ ପାଇ ସାରିଥିବା ମହାନ କ୍ରିକେଟ ସୁନୀଲ ଗାଭାସ୍କର, ଟେନିସ୍ କିଂବଦନ୍ତି ବିଜୟ ଅମୃତରାଜ, ବ୍ୟାଡ୍‌ମିଣ୍ଟନ୍ ତାରକା ପ୍ରକାଶ ପାଦୁକୋନ, ଦେଡ଼ରାଣୀ ପିଟି ଉଷା, ମହାନ ଧାବକ ମିଲଖା ସିଂହ ପ୍ରମୁଖଙ୍କ ଭଳି ବହୁ ବିଶିଷ୍ଟ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ୫୬ ବର୍ଷୀୟ ଆନନ୍ଦଙ୍କୁ ଏହି ପଦକ ପ୍ରଦାନ କରିଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କୃଷ୍ଣମଚାରୀ ଶ୍ରୀକାନ୍ତ ।ଉଲ୍ଲସିତ ଆନନ୍ଦ କହିଥିଲେ ଯେ ଭାରତରେ ଚେସ୍‌ର ବିକାଶରେ ଜଣେ ଅନୁପ୍ରେରକ ଭୂମିକା ନେଇଥିବାରୁ ମୁଁ ବେଶ୍ ଗର୍ବିତ। ଏହା ମୋର ସଫଳତା ଓ ଅବଦାନ ପ୍ରତି ସହକର୍ମୀମାନଙ୍କର ସ୍ୱୀକୃତି। ଏହି ସମ୍ମାନ ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର ଓ ସ୍ମରଣୀୟ ହୋଇ ରହିବ। ଏହି ଅବସରରେ ଆନନ୍ଦ ପତ୍ନୀ ଅରୁଣାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ହକି ତାରକା ଭି. ଭାସ୍କରନ୍ ଏବଂ ବରିଷ୍ଠ ସାମ୍ବାଦିକ ଆଁ ମୋହନ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ। ଭାସ୍କରନ ଏସ୍‌ଜେଏଫ୍‌ଆଇର କ୍ରୀଡ଼ା ପ୍ରୋତ୍ସାହନ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଏସ୍‌ଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂପାଦକ ଭି ରମେଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାଣ୍ଡମାଷ୍ଟର କେ ଶଶିକିରଣ, ଶ୍ୟାମ ସୁନ୍ଦରଙ୍କ, ଆଇଏମ୍ ମାନୁଏଲ୍ ଆରୋନ, ଭି ସର୍ବାନନ୍ ଏବଂ ପୂର୍ବତନ ଭାରତୀୟ ହକି ଖେଳାଳି ମହମ୍ମଦ ରିୟାଜଙ୍କ ସମେତ ଅନେକ ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

# ଅଲିମ୍ପିକ୍ କମିଟିକୁ ସୋଆ ଡାକ୍ତର ମନୋନିତ



ଭୁବନେଶ୍ୱର : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଲଗ୍ନଜିତ ଦାଶ ଲୁଜାନ ସ୍ଥିତ ଆର୍ନ୍ତଜାତିକ ଅଲିମ୍ପିକ୍ କମିଟି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ମନୋନୀତ ହୋଇଛନ୍ତି ।ଡାକ୍ତର ଦାଶ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ମାନଦଣ୍ଡକୁ ଭିତି କରି କ୍ରୀଡାବିତ୍ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଯୋଗ୍ୟତା ହାସଲ କରିଛନ୍ତି । ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ଅଧକ୍ଷ କିଷ୍ଟି କୋଭେନ୍‌ଟ୍ରି ଏବଂ ଏହାର ସ୍ୱାସ୍ଥ୍ୟ, ଭେଷଜ ଓ ବିଜ୍ଞାନ କମିଶନ ଚେୟାର ଡାକ୍ତର ରବିନ୍ ଇ. ମିଚେଲଙ୍କ ସ୍ୱାକ୍ଷର ଥିବା ଏହି ପ୍ରମାଣପତ୍ର ଡାକ୍ତର ଦାଶଙ୍କୁ ମିଳିଛି ।ତାଙ୍କର ଏହି ସଫଳତା ପାଇଁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରଫେସର ନାୟକଙ୍କୁ ଡାକ୍ତର ଦାଶ ସାକ୍ଷାତ୍ କରି ତାଙ୍କର ଆର୍ଶୀବାଦ ଗ୍ରହଣ କରିଛନ୍ତି । ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ, କ୍ୟାମ୍ପସ୍ -୨ ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଉପସ୍ଥିତ ଥିଲେ ।

# ଅନ୍ତଃରାଜ୍ୟ ଆଥଲେଟିକ୍ସ: ଓଡ଼ିଶାକୁ ପ୍ରଜ୍ଞା ଦେଲେ ପ୍ରଥମ ପଦକ







ଭୁବନେଶ୍ୱର: ୬୫ତମ ଜାତୀୟ ଅନ୍ତଃରାଜ୍ୟ ଆଥଲେଟିକ୍ସ ବୁଧବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ୬୩୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିବା ଏହି ପ୍ରତିଯୋଗିତା ଏସୀୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିବା ପାଇଁ ଭାରତୀୟ ଆଥଲେଟ୍‌ଙ୍କ ପାଇଁ ଶେଷ ସୁଯୋଗ ପ୍ରଦାନ କରୁଛି। ପ୍ରଥମ ଦିନରେ ଜାତୀୟ ରେକର୍ଡଧାରୀ ମହିଳା ବାଧାଦୌଡ଼ ତାରକା ଜ୍ୟୋତି ୟାରାଜୀ ଗୋଟିଏ ବର୍ଷର ବିରତି ପରେ ଟ୍ରାକ୍‌କୁ ଫେରି ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଆଘାତ ଜନିତ ସମସ୍ୟା ଲାଗି ଗତ ଏକ ବର୍ଷରୁ ଅଧିକ ସମୟ ହେବ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରହିଥିବା ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟ୍ ଜ୍ୟୋତି ମହିଳା ୧୦୦ ମିଟର ବାଧାଦୌଡ଼ରେ ଏସୀୟ କ୍ରୀଡ଼ା ଯୋଗ୍ୟତା ମାନଦଣ୍ଡ ଅତିକ୍ରମ କରିଛନ୍ତି। ଗତ ବର୍ଷ ଜୁନ୍‌ମାସରେ ଅଭ୍ୟାସ ସମୟରେ ଗୁରୁତର ଜ୍ୟୋତିଙ୍କର ଲିଗାମେଣ୍ଟ ଅସ୍ତ୍ରୋପଚାର ହୋଇଥିଲା। ଏବେ କିନ୍ତୁ ସେ ପୂରା ଫିଟ୍ ଥିବା ନିଜ ପ୍ରଦର୍ଶନରୁ ପ୍ରମାଣିତ କରିଛନ୍ତି। ବୁଧବାର ନିଜ ପ୍ରଥମ ହିଟ୍ ଦୌଡ଼ରେ ୧୩.୧୪ ସେକେଣ୍ଡ ସମୟ ନେଇଥିଲେ ସେ। ଯାହା ଭାରତୀୟ ଦେଡ଼କୁଦ ମହାସଂଘ ଦ୍ୱାରା ନିର୍ଦ୍ଧାରିତ ୧୩.୩୪ ସେକେଣ୍ଡର ଏସିଆନ୍ ଗେମ୍ସ ଯୋଗ୍ୟତା ମାନଠାରୁ ଯଥେଷ୍ଟ ଭଲ ଥିଲା। ୨୬ ବର୍ଷୀୟା ଜ୍ୟୋତି ଦୁଇ ଗୋଡ଼ରେ ଟେପ୍ ବାନ୍ଧି ଦୌଡ଼ିଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ଦର୍ଶକ ଓ କ୍ରୀଡ଼ାପ୍ରେମୀଙ୍କୁ ମୁଗ୍ଧ କରିଥିଲା। ୨୦୨୨ ଏସୀୟ କ୍ରୀଡ଼ାରେ ଜ୍ୟୋତି ରୌପ୍ୟ ପଦକ ଜିତିଥିବା ବେଳେ ୨୦୨୩ରେ ସେ ସ୍ଥାପନ କରିଥିବା ୧୨.୭୮ ସେକେଣ୍ଡର ଜାତୀୟ ରେକର୍ଡ ଏବେ ବି ଅକ୍ଷୁଣ୍ଣ ରହିଛି। ଏହି ବର୍ଗରେ ଓଡ଼ିଆ ଝିଅ ପ୍ରଜ୍ଞା ପ୍ରଶାନ୍ତୀ ସାହୁ (୧୩.୪୮) ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲା ବେଳେ ଅନ୍ୟତମ ଓଡ଼ିଆ ତାରକା ସବିତା ଟପ୍ପୋ (୧୩.୭୮) ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ରୋପ୍ୟ ପଦକ ତାମିଲନାଡୁର କେ ନନ୍ଦିନୀ (୧୩.୨୨)ଙ୍କୁ ଯାଇଥିଲା। ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶାର ୨୮ଜଣ ଆଥଲେଟ୍ ଅଂଶଗ୍ରହଣ କରୁଛନ୍ତି। ସମସ୍ତଙ୍କ ନଜର ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଓ ଏକଦା ଦେଶର ଦ୍ରୁତତମ ଧାବକ ଥିବା ଅନିମେଷ କୁଜୁରଙ୍କ ଉପରେ ରହିଛି ।ବୁଧବାର ପୂର୍ବାହ୍ନରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ସୂରଜ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ। ଦେଶର ଶ୍ରେଷ୍ଠ ଆଥଲେଟ୍‌ମାନଙ୍କୁ ସ୍ୱାଗତ କରି ସେ ସେମାନଙ୍କର ସଫଳତା କାମନା କରିବା ସହ ଏହି ପ୍ରତିଯୋଗିତା ରାଜ୍ୟ କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଏସୀୟ ଦେଡ଼କୁଦ ମହାସଂଘର ସଭାପତି ଡ.ଲଳିତ କୁମାର ଭନୋଟ୍, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ.ୟେଦୁଲା ବିଜୟ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଭାପତି ଅଭିଜିତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଂଲଣ୍ଡ ଗସ୍ତରେ ବୈଭବ ସୂର୍ଯ୍ୟବଂଶୀ ବ୍ୟବହାର କରିବେ ଅଲଗା ଚେଞ୍ଜିଂ ରୁମ୍




ମୁମ୍ବାଇ: ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଅଲଗା ଚେଞ୍ଜିଂ ରୁମ୍ ବ୍ୟବହାର କରିବେ। ସାଧାରଣ ସମୟରେ ଭାରତୀୟ ଦଳ ପାଇଁ ଉଦ୍ଦିଷ୍ଟ ଡ୍ରେସିଂ ରୁମ୍‌ରେ ବସିବା, ରହିବା ଓ ବୈଠକରେ ଯୋଗଦେବାର ସୁଯୋଗ ଲାଭ କଲେ ମଧ୍ୟ ପୋଷାକ ଅଦଳ ବଦଳ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅଲଗା ରୁମ୍ ବ୍ୟବହାର କରିବେ। ୧୫ ବର୍ଷୀୟ ବୈଭବଙ୍କ ବାଳୁତ ବୟସକୁ ଆଖି ଆଗରେ ରଖି ଆୟର୍ଲାଣ୍ଡ ଓ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ତାଙ୍କ ପାଇଁ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। ବ୍ରିଟିସ୍ ଗଣମାଧ୍ୟମ ଦ ଗାର୍ଡିଅନ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ (ଆଇସିସି) ଏବଂ ଇଂଲଣ୍ଡ ଓ ୱେଲ୍‌ସ କ୍ରିକେଟ୍ ବୋର୍ଡ (ଇସିବି)ର ସୁରକ୍ଷା ନୀତି ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଖେଳାଳିମାନେ ବୟସ୍କ ଖେଳାଳିଙ୍କ ସହ ସମାନ ଚେଞ୍ଜିଂ ରୁମ୍ ବ୍ୟବହାର କରିପାରିବେ ନାହିଁ। ଏହି କାରଣରୁ ସୂର୍ଯ୍ୟବଂଶୀଙ୍କ ପାଇଁ ପ୍ରତ୍ୟେକ ଷ୍ଟାଡିୟମ୍‌ରେ ପୃଥକ ଚେଞ୍ଜିଂ ରୁମ୍ ସୁବିଧା ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କର ମାତାପିତା ମଧ୍ୟ ଉଭୟ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଉପସ୍ଥିତ ରହିବେ। ଏହାକୁ ନେଇ ବିସିସିଆଇ ସଂପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ଏତେ କମ୍ ବୟସର ଜଣେ ଖେଳାଳିଙ୍କୁ ବରିଷ୍ଠ ଦଳର ପରିବେଶ ସହ ଖାପ ଖୁଆଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ସେପଟେ ଘରୋଇ କ୍ରିକେଟ୍‌ରେ ବୈଭବଙ୍କ ୧୦ବର୍ଷୀୟ ଭାଇ ଆଶୀର୍ବାଦ ଆଉ ଏକ ବିସ୍ଫୋରକ ଶତକ ଅର୍ଜନ କରିଛନ୍ତି। ଏକ ସ୍ଥାନୀୟ ମ୍ୟାଚ୍‌ରେ ୧୧୯ ବଲ୍‌ରୁ ୧୬୮ ରନ୍ କରିଛନ୍ତି ସେ। ଏହି ଖବର ଜାଣିବା ପରେ ଶତକ ଆମ ରକ୍ତରେ ଅଛି ବୋଲି ବୈଭବ କହିଛନ୍ତି।

# କନିଷ୍ଠ ବିଶ୍ୱ ବନ୍ଧୁକଚାଳନା: ବଂଶିକା-ଶିବଙ୍କୁ ରେପ୍ୟ




ସୁଲ୍: ଭାରତୀୟ ଯୋଡ଼ି ବଂଶିକା ଚେଧୁରୀ ଓ ଶିବ ନରୱାଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱ ପ୍ରତିଯୋଗିତାରେ ରେପ୍ୟ ପଦକ ଜିତିଛନ୍ତି। ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଯୁଗଳରେ ଏହି ଭାରତୀୟ ଯୋଡ଼ି ୪୬୯.୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ ।ଭାରତ ୫ ସ୍ୱର୍ଣ୍ଣ, ୪ ରେପ୍ୟ ଓ ୭ କାଂସ୍ୟ ସହ ମୋଟ ୧୬ ପଦକ ପାଇଛିପୋଲାଣ୍ଡର ମାଲଗୋର୍ଜାଟା ଡାବ୍ରୋସ୍କି ଓ ଇଭାନ ରାକିସ୍କି (୪୭୧.୯) ପ୍ରଥମ ସ୍ଥାନରେ ରହିଥିଲେ। ଚାଇନିଜ୍ ତାଇପେର ଚେଙ୍ଗ ୟେ-ଚିଙ୍ଗ ଓ ସି ସିଆଙ୍ଗ-ଚେନ୍ (୪୧୦.୦) କାଂସ୍ୟ ପାଇଥିଲେ। ଭାରତ ଏହି ରେପ୍ୟ ପଦକ ସହ ଟେବୁଲର ଶୀର୍ଷ ସ୍ଥାରେ ରହିଛି। ଭାରତ ୫ ସ୍ୱର୍ଣ୍ଣ, ୪ ରେପ୍ୟ ଓ ୭ କାଂସ୍ୟ ସହ ମୋଟ ୧୬ ପଦକ ପାଇଛି। ଏହି ପ୍ରତିଯୋଗିତାରେ ୭୦ ମହାସଂଘରୁ ୮୦୦ରୁ ଊର୍ଦ୍ଧ୍ୱ ସୁଟ୍ର ଯୋଗ ଦେଇଛନ୍ତି। ଜୁନ୍ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହିସ ପ୍ରତିଯୋଗିତାରେ ଭାରତରୁ ୮୪ ଜଣ ଅଂଶ ଗ୍ରହଣ କରିଛନ୍ତି।

# ଜାତୀୟ ମିନି ଗଲ୍ଫରେ ଭାଗନେବ ଓଡ଼ିଶା

କଟକ: ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟରେ ଚଳିତ ଜୁନ୍ ୨୫ରୁ ଏକାଦଶ ଜାତୀୟ ବରିଷ୍ଠ ମିନି ଗଲ୍ଫ ପ୍ରତିଯୋଗିତା ଲାଗି ମିନି ଗଲ୍ଫ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ୧୨ଜଣିଆ ଲେଖାଏଁ ରହିଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଓ ସ୍ମୃତିରେଖା ପଟ୍ଟନାୟକ ମହିଳା ଦଳର ନେତୃତ୍ୱ ନେବେ। ଓଡ଼ିଶା ଦଳର ଖେଳାଳିମାନଙ୍କୁ ନେଇ ୧୫ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ବୁଧବାର ଓଡ଼ିଶା ଦଳ ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି। ଏହି ପ୍ରତିଯୋଗିତାରେ ସାରା ଭାରତର ୨୧ଟି ରାଜ୍ୟ ଅଂଶଗ୍ରହଣ କରିବେ ।ଖେଳାଳିମାନଙ୍କୁ ଓଡ଼ିଶା ଅଲିମ୍ପିକ୍ସ ସଂଘର ସଭାପତି ସମୀର ମହାନ୍ତି, ମିନି ଗଲ୍ଫ ଆସୋସିଏସନ୍ ଅଫ୍ ଓଡ଼ିଶାର ଉପସଭାପତି ପ୍ରସନ୍ନଜିତ ପତି, ସଭାପତି ଡ. ସତ୍ୟବ୍ରତ ମୀନକେତନ, ଉପସଭାପତି ପିୟୁଷ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ତୁଳସୀ ବିଶୋୟୀ, ଶ୍ରୀରାମ ମଣ୍ଡଳ, ଶୁଭଶ୍ରୀ ଦୀକ୍ଷିତ, ସରିତା ପ୍ରଧାନ ପ୍ରମୁଖ ଶୁଭକାମନା ଜଣାଇଛନ୍ତି ।ଦିନକ ପରେ ବାରବାଟୀ ଦିନିକିଆ: ଭାରତ ଅଭ୍ୟାସ କରିବ, ଇଂଲଣ୍ଡ ଗଲ୍ଫ ଖେଳିବପୁରୁଷ ଦଳ: ବିକାଶ ଚନ୍ଦ୍ର ପଟ୍ଟନାୟକ (ଅଧିନାୟକ), କୁମାର ଦେବଦତ୍ତ, କୁମାର ଦେବଜିତ, ହିମାଂଶୁ ପଟ୍ଟନାୟକ, ପ୍ରସନ୍ନଜିତ ପତି, ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, ସତୀଶ ପୃଷ୍ଟି, ଅଙ୍କିତ ପ୍ରଧାନ, ଦିବ୍ୟଜ୍ୟୋତି ମିଶ୍ର, ନୈତିକ କେ ଆଗ୍ରୱାଲ, ହର୍ଷିଲ ସାହୁ ।ମହିଳା ଦଳ: ସ୍ମୃତିରେଖା ପଟ୍ଟନାୟକ(ଅଧିନାୟିକା), ସୌମ୍ୟଶ୍ରୀ ରଥ, ଅଭିପ୍ସା ପଣ୍ଡା, ଆସିତା ପଟ୍ଟନାୟକ, ଅନିକା ପଟ୍ଟନାୟକ, ଦୀପିକା ରାୟ, ଲତା ସମର୍ଥ, ଅସୀମା ସାହୁ, ସୁଦେଷ୍ଣା, ଶୁଭଲକ୍ଷ୍ମୀ ଶତପଥୀ ଓ ସ୍ମରଣିକା ମହାନ୍ତି।

# ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ସେବାକୁ ଗୁରୁତ୍ୱ




ଭୁବନେଶ୍ୱର : ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ ।ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବ ଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ ।ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ବସରେ କୌଣସି ଯାତ୍ରୀ ଅସୁସ୍ଥ ହେଲେ ତୁରନ୍ତ ସହାୟତା ପ୍ରଦାନ ପାଇଁ ସମସ୍ତ ବସରେ ପ୍ରାଥମିକ ଚିକିତ୍ସା କିଟ୍ ରଖାଯିବ। ପ୍ରମୁଖ ବସ୍ ଟର୍ମିନାଲ, ବସ୍ ଷ୍ଟପ୍ ଏବଂ ବସ୍‌ଗୁଡ଼ିକରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ୍ ବ୍ୟବସ୍ଥା କରାଯିବ ।ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏ ର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି ।ପୁରୀର ତାଳବଣିଆଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ଏବଂ ବିଦ୍ୟୁତ ସୁବିଧା ଥାଇ ବିଶ୍ରାମ ଗୃହ ନିର୍ମାଣ କରାଯିବ। ଏହା ସହ ନିଃଶୁଳ୍କ ରନ୍ଧା ଖାଦ୍ୟ ପ୍ରଦାନ କରାଯିବ। ସେହିଭଳି ମାଳତୀପାଟପୁରରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା କରାଯିବ। ଅନ୍ୟ ରାଜ୍ୟର ବସ୍‌ଗୁଡ଼ିକ ମାଳତୀପାଟପୁରଠାରେ ଅଟକିବା ପାଇଁ ବ୍ୟବସ୍ଥା ହେବ ଏବଂ ସେଠାରୁ ଶ୍ରଦ୍ଧାଳୁଙ୍କ ପାଇଁ ନିଃଶୁଳ୍କ ସଟଲ୍ ସର୍ଭିସ୍ ପ୍ରଦାନ କରାଯିବ। ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ। ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି । କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ। ସେହିଭଳି ପୁରୀରେ ଅଟୋ ରିକ୍ସା ଭଡ଼ା ପ୍ରତି ମଧ୍ୟ ଆରଟିଓ ଦୃଷ୍ଟି ଦେବେ। ଯାତ୍ରୀମାନେ ଯେପରି କୌଣସି ପ୍ରକାର ଶୋଷଣର ଶିକାର ନ ହୁଅନ୍ତି, ତାହା ସର୍ବାଧିକ ପ୍ରାଥମିକତାରେ ରହିବ ।ମୋଟର ଯାନ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସଡ଼କ ସୁରକ୍ଷା ପାଇଁ ପୁରୀକୁ ଯୋଡୁଥିବା ସମସ୍ତ ରୁଟରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ମୁତୟନ ହେବେ। ପୋଲିସ ଓ ପରିବହନ ବିଭାଗ ମିଳିତ ଭାବରେ ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବେ ।ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଏଥିପାଇଁ ପୋଲିସ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ ରହିବ। ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ ।ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି। କିଛି ମୁଖ୍ୟ ସ୍ଥାନମାନଙ୍କରେ ଗାଡ଼ି ନିର୍ମାତା ଓ ଡିଲରମାନେ ସହାୟତା କ୍ୟାମ୍ପ ସ୍ଥାପନ କରିବେ ।ରଥଯାତ୍ରା ସମୟରେ ବସ୍‌ଗୁଡ଼ିକରେ ସଡ଼କ ସୁରକ୍ଷା ବାର୍ତ୍ତା ସହିତ ବସ୍ ପରିଚାଳକଙ୍କ ଯୋଗାଯୋଗ ନମ୍ବର ପ୍ରଦର୍ଶିତ କରାଯିବ, ଏହାଦ୍ୱାରା ଯାତ୍ରୀମାନେ ଯୋଗାଯୋଗ କରି ଡ୍ରାଇଭରଙ୍କ ଗାଡ଼ି ଚାଳନା ବିଷୟରେ ନିଜର ମତାମତ ବା ଅଭିଯୋଗ ଜଣାଇ ପାରିବେ। ରଥଯାତ୍ରା ପାଇଁ ଟ୍ରାଫିକ କଟକଣା ଏବଂ ନିୟମାବଳୀ ଜନସାଧାରଣଙ୍କ ଅବଗତି ନିମନ୍ତେ ସୋସିଆଲ ମିଡିଆ, ଏଫଏମ୍ ରେଡିଓ ଏବଂ ସମ୍ବାଦପତ୍ର ମାଧ୍ୟମରେ ସୂଚନା ଦିଆଯିବ ।ରଥଯାତ୍ରା ସମୟରେ ଯେଉଁ ସରକାରୀ ବସ୍ ଗୁଡ଼ିକ ପୁରୀକୁ ଯାଉଛି, ତାର ସୁଗମ ପରିଚାଳନା ପାଇଁ କ୍ରୁଟ୍ ଏବଂ ଓଏସଆରଟିସିର ଜେନେରାଲ୍ ମ୍ୟାନେଜର ବୈଠକରେ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। କିଭଳି ଘରୋଇ ଏବଂ ସରକାରୀ ବସ୍ ମଧ୍ୟରେ ସମନ୍ୱୟ ରକ୍ଷା ହୋଇ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ସୁଗମ ପରିବହନ ବ୍ୟବସ୍ଥା ପ୍ରଦାନ ହେବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

PRINTED BY- PRASANTA KUMAR POTHAL AND OWNED, PUBLISHED AND EDITED BY **JYOTIRMAYA PANDA**, PRINTED AT- OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

CHIEF EDITOR: SIMANCHAL PATTNAIK ମୁଖ୍ୟ ସଂପାଦକ : ସିମାଞ୍ଚଳ ପଟ୍ଟନାୟକ Email:-aamarprayas@gmail.com Mob:-9937020732 EDITOR : JYOTIRMAYA PANDA ସଂପାଦକ : ଜ୍ୟୋତିର୍ମୟ ପଣ୍ଡା